

ମାଟିରୁ ଫସଲ ଆମଦାନୀ ପାଇଁ ଯେପରି ଉତ୍ତମ ଚାଷ ଦରକାର,
ସେହିପରି ମନର ଚାଷ ପାଇଁ ଉତ୍ତମ ପୁସ୍ତକ ଅଧ୍ୟୟନ ଆବଶ୍ୟକ।
- ସେନେକା



## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଶା କେନେଲ କ୍ଲବ ପକ୍ଷରୁ ଜାତୀୟ ଡଗ୍ ଶୋ, ସକାଳ ୯ଟା, ୟୁନିଟ୍ ୬ ବାଳକ ଉଚ୍ଚବିଦ୍ୟାଳୟ ପଡ଼ିଆ।
- ଓଡ଼ିଶା ମର୍ଡନ ଆର୍ଟ ଗ୍ୟାଲେରୀ ପକ୍ଷରୁ ବିଶ୍ୱ ଶିଳ୍ପୀ ଦିବସ କାର୍ଯ୍ୟକ୍ରମ, ଓଡ଼ିଶା ମର୍ଡନ ଆର୍ଟ ଗ୍ୟାଲେରୀ ପରିସର, ସନ୍ଧ୍ୟା ୫ଟା ୩୦।
- ପୁରୁଣାଭୁବନେଶ୍ୱର ସତ୍‌ସଙ୍ଗ କେନ୍ଦ୍ରର ୨୨ତମ ବାର୍ଷିକ ସତ୍‌ସଙ୍ଗ ଅଧିବେଶନ, ଗୋସାଗରେଶ୍ୱର ମନ୍ଦିର ପ୍ରାଙ୍ଗଣ, ପୁରୁଣାଭୁବନେଶ୍ୱର, ସନ୍ଧ୍ୟା ୫ଟା ୫।
- ଇଣ୍ଡିଆନ ନେଭି ପକ୍ଷରୁ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ, ଉତ୍କଳ ମଣ୍ଡପ, ସନ୍ଧ୍ୟା ୬ଟା ୧୫।
- ସ୍ମୃତି ବିଳାସ ଅଡିଓ ସିଡି ଉନ୍ମୋଚନ ଉତ୍ସବ, ହୋଟେଲ ନିୟୁ ମ୍ୟାରିଅନ୍, ସନ୍ଧ୍ୟା ୭ଟା।

## ମହିଳାଙ୍କଠାରୁ ୧.୭ଲକ୍ଷ ଟଙ୍କା ଠକେଇ, ହତ୍ୟା ଧମକ
## ୨ ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୬।୧୨(ବ୍ୟୁରୋ):** ଚାକିରି କରାଇଦେବା ଆଳରେ ଜଣେ ମହିଳାଙ୍କଠାରୁ ୧ ଲକ୍ଷ ୭୦ ହଜାର ଟଙ୍କା ଠକେଇ କରିବା ସହ ହତ୍ୟା ଧମକ ଦେବା ଅଭିଯୋଗରେ କ୍ୟାପିଟାଲ ଥାନା ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ କନ୍ଧମାଳ ଜିଲାର ଗଣେଶ ବେହେରା ଓ ଖୋର୍ଦ୍ଧା ଅଞ୍ଚଳର ନିତ୍ୟାନନ୍ଦ ମହାନ୍ତି। ଝିଲିସୀତା ବେହେରା ନାମ୍ନୀ ଜଣେ ମହିଳାଙ୍କୁ ଚାକିରି କରାଇଦେବାକୁ କହି ନିତ୍ୟାନନ୍ଦ, ଗଣେଶ ଓ ୨ ଜଣ ସହଯୋଗୀ ଗତ ୨୨ ତାରିଖରେ ଉକ୍ତ ଟଙ୍କା ନେଇଥିଲେ। ପରବର୍ତ୍ତୀ ସମୟରେ ଚାକିରି ଦେଇ ନ ପାରି ସମୟ ଗଡ଼ାଇଥିଲେ। ଝିଲିସୀତା ଟଙ୍କା ଫେରସ୍ତ କରିବାକୁ କହିବାରୁ ସେମାନେ ଓଲଟା ହତ୍ୟା ଧମକ ଦେଇଥିଲେ। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରି ନିତ୍ୟାନନ୍ଦ ଓ ଗଣେଶଙ୍କୁ ଶୁକ୍ରବାର ଗିରଫ କରିଥିଲା।

## ମେଣ୍ଢାଶାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାୟାକଳ୍ପ ଟିମ୍

**ବାରଙ୍ଗ,୬।୧୨(ଡି.ଏନ୍.ଏ.):** କାୟାକଳ୍ପ ଟିମର ସଦସ୍ୟମାନେ ଶୁକ୍ରବାର ମେଣ୍ଢାଶାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି। ସ୍ୱାସ୍ଥ୍ୟବିଭାଗ ଯୁଗ୍ମ ନିର୍ଦ୍ଦେଶକ କୈଳାସ ନାଥ ଶାସ୍ତ୍ରୀଙ୍କ ନେତୃତ୍ୱରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ସନ୍ତୋଷ ନାୟକ, ଦିପକ ବିଶ୍ୱାଳ ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱଚ୍ଛତା, ପରିମଳ ବ୍ୟବସ୍ଥା, ଲାବରୋଟୋରୀ, ଔଷଧୀୟ ବଗିଚା ପରିଦର୍ଶନ କରିବା ସହ ସ୍ଥିତି ପରଖିଥିଲେ। ଏହି ପରିଦର୍ଶନ ବେଳେ ଜିଲା ପ୍ରକଳ୍ପ ଅଧିକାରୀ ଗୀତାଞ୍ଜଳି ଦାଶ, ଡ. ଶୁଭ୍ରାଂଶୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# 'ମୋ ବସ୍' ଷ୍ଟପ୍‌ରେ ପାର୍କିଂ, କାର୍ ନମ୍ବରରେ ଚାଲାଣ

- କ୍ରୁଟ୍‌ର ଟୁଇଟ୍ ପରେ ପୋଲିସର ପଦକ୍ଷେପ
- ବିଭିନ୍ନ ସ୍ଥାନରେ ଟ୍ରାଫିକ ପୋଲିସର ଯାଞ୍ଚ




**ଭୁବନେଶ୍ୱର,୬।୧୨(ବ୍ୟୁରୋ)**

ସହରରେ ଥିବା ବିଭିନ୍ନ 'ମୋ ବସ୍' ଷ୍ଟପ୍ ଓ ଏହା ସମ୍ମୁଖରେ ଲୋକେ ବେଆଇନ ଭାବେ ଗାଡ଼ି ପାର୍କିଂ କରୁଛନ୍ତି। ଏଥିଯୋଗୁ ବସ୍ ଚଳାଚଳ ଓ ଯାତ୍ରୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ସଂକ୍ରାନ୍ତରେ ମୋ ବସ୍ ପରିଚାଳନା କରୁଥିବା କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍) ପକ୍ଷରୁ ଟ୍ରାଫିକ ଡିସିପି ସାଗରିକା ନାଥଙ୍କୁ ଟୁଇଟ୍ କରାଯିବା ପରେ ପଦକ୍ଷେପ ଆରମ୍ଭ ହୋଇଛି। ଶୁକ୍ରବାର ପ୍ରଥମ ଦିନରେ ପୋଲିସ ଏକାଧିକ ମୋ ବସ୍ ଷ୍ଟପ୍‌ରେ ଯାଞ୍ଚ କରିଛି। କିମ୍ସ ହସ୍ପିଟାଲ 'ମୋ ବସ୍' ଷ୍ଟପ୍‌ରେ ବହୁ ସମୟ ଧରି ବେଆଇନ ଭାବେ ପାର୍କିଂ କରାଯାଇଥିବା ଏକ କାର୍ (ଓଡି୦୫ଏକ୍ୟୁ-୮୩୫୬) ଉପରେ ଜରିମାନା ହୋଇଛି। ଉକ୍ତ ଗାଡ଼ି ନମ୍ବରରେ ଚାଲାଣ କଟାଯାଇ ମାଲିକଙ୍କ ନିକଟକୁ ପଠାଇ ଦିଆଯାଇଛି। ତେବେ ଏସବୁ ପଦକ୍ଷେପ ସଂକ୍ରାନ୍ତରେ ଡିସିପି ନାଥ ଟୁଇଟ୍ କରି କ୍ରୁଟ୍ କର୍ତ୍ତୃପକ୍ଷଙ୍କୁ ଅବଗତ କରିଛନ୍ତି।

ଡିସିପି କହିଛନ୍ତି, ମୋ ବସ୍ ଷ୍ଟପ୍‌ରେ ବେଆଇନ୍ ପାର୍କିଂ କରୁଥିବା ଗାଡି ଚାଳକ ଓ ମାଲିକଙ୍କ ବିରୋଧରେ ଆହୁରି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆଗକୁ ଧରପଗଡ ଜୋର୍‌ଦାର ହେବ। ଗାଡ଼ି ନମ୍ବରରେ ମାଲିକଙ୍କ ଘରକୁ ଚାଲାଣ ପଠାଯିବ। ତେବେ ଅନେକ ଲୋକ ଏନେଇ ଜାଣି ନ ଥିବାରୁ ସୂଚନା ଫଳକ ଲଗାଯାଇ ସଚେତନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ କେବଳ 'ମୋ ବସ୍' ଷ୍ଟପ୍ ନୁହେଁ, ରାଜଧାନୀର ଅନେକ ରାସ୍ତା କଡରେ ବେଆଇନ ପାର୍କିଂ କରାଯାଉଛି। ରାସ୍ତା ପାର୍ଶ୍ୱ ଫାଷ୍ଟଫୁଡ୍ ଦୋକାନ ଆଗରେ ଅଧିକ ଗାଡ଼ିମୋଟର ଭିଡ଼ ଲାଗୁଛି। ଫଳରେ ରାସ୍ତା ସଙ୍କୁଚିତ ହେବା ସହ ଯାତାୟାତ ବାଧାପ୍ରାପ୍ତ ହେଉଛି। ଅଟୋ ଓ ଘରୋଇ ବସ୍ ରାସ୍ତା ଉପରେ ଛିଡାହୋଇ ଯାତ୍ରୀ ଉଠାଉଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏହା ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେବାର ଆବଶ୍ୟକତା ରହିଛି।

# କ୍ୟାପିଟାଲ ଏକାଡେମୀ ଅଫ୍ ନର୍ସିଂର ନୂତନ କ୍ୟାମ୍ପସ ଉଦ୍‌ଘାଟିତ



ନୂତନ କ୍ୟାମ୍ପସ ଉଦ୍‌ଘାଟନ ଅବସରରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।

**ବାଲକାଟୀ,୬।୧୨(ଡି.ଏନ୍.ଏ.)**

ରାଜଧାନୀ ଉପକଣ୍ଠ ବାଲକାଟୀ ନିକଟସ୍ଥ ପୂରଣପ୍ରଧାନଠାରେ କ୍ୟାପିଟାଲ ଏକାଡେମୀ ଅଫ୍ ନର୍ସିଂ ଶିକ୍ଷାନୁଷ୍ଠାନର ନୂତନ କ୍ୟାମ୍ପସ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଏଥିରେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲି ମୁଖ୍ୟ ଅତିଥିଭାବେ ଯୋଗଦେଇ ନୂତନ କ୍ୟାମ୍ପସର ଉଦ୍‌ଘାଟନ କରିବା ସହ ଅନୁଷ୍ଠାନର ଅଗ୍ରଗତି ଓ ଛାତ୍ରୀଛାତ୍ରଙ୍କ କୃତକାର୍ଯ୍ୟର ପ୍ରଶଂସା କରିଥିଲେ। ଏହି ଅବସରରେ ଆୟୋଜିତ ଏକ ସଭାରେ ମୁଖ୍ୟ ବକ୍ତାଭାବେ ବରିଷ୍ଠ ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ହାସ୍ୟ ଅଭିନେତା ହରିହର ମହାପାତ୍ର, ମଞ୍ଜରିଦେବୀ ନର୍ସିଂ କଲେଜର ପ୍ରତିଷ୍ଠାତା ସଭାନେତ୍ରୀ ଜ୍ୟୋତ୍ସ୍ନା ଦାଶ, ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ବିଶ୍ୱାଳ, ଅଧ୍ୟକ୍ଷା ଡ. ସି. ରେବତୀ, ବିଭାଗୀୟ ମୁଖ୍ୟ ବି. ସେନ୍ଥିଲ କୁମାର ଯୋଗଦେଇଥିଲେ। କ୍ୟାପିଟାଲ ଏକାଡେମୀ ଅଫ୍ ନର୍ସିଂ କଲେଜ ଅଧ୍ୟକ୍ଷା ଲିଜା ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରତିଷ୍ଠାତା ସଭାନେତ୍ରୀ ଦାଶ ଶିକ୍ଷାନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



ବେସାମରିକ ପ୍ରତିରକ୍ଷା ପ୍ରତିଷ୍ଠାନର ବାର୍ଷିକ ଉତ୍ସବରେ ଆୟୋଜିତ ପରେଡ୍‌ରେ ଅଗ୍ନିଶମ ଡିଜି ସୁନୀଲ ରୟ ଅଭିବାଦନ ଗ୍ରହଣ କରୁଛନ୍ତି।

### ବେସାମରିକ ପ୍ରତିରକ୍ଷା ପ୍ରତିଷ୍ଠାନର ବାର୍ଷିକ ଉତ୍ସବ

# ସ୍ୱେଚ୍ଛାସେବୀଙ୍କ ସେବା ପ୍ରଶଂସନୀୟ: ଅଗ୍ନିଶମ ଡିଜି

**ଭୁବନେଶ୍ୱର,୬।୧୨(ବ୍ୟୁରୋ)**

ବେସାମରିକ ପ୍ରତିରକ୍ଷା ପ୍ରତିଷ୍ଠାନ ଭୁବନେଶ୍ୱରର ୫୬ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ଓଡ଼ିଶା ଅଗ୍ନି ଓ ବିପର୍ଯ୍ୟୟ ଏକାଡେମୀ ପରିସରରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଗ୍ନିଶମ ଡିଜି ସୁନିଲ ରୟ ବିପର୍ଯ୍ୟୟ ସମୟରେ ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀଙ୍କ ଉଦ୍ଧାର ଓ ସେବାକାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ପୋଲିସ, ଗୃହରକ୍ଷୀ ଓ ଅଗ୍ନିଶମ ବାହିନୀ ସହ ମିଶି ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀମାନେ ନିଷ୍ଠା ଓ ସାହାସର ସହ କାର୍ଯ୍ୟ କରୁଛନ୍ତି। ଏହା ଦେଶର ଯୁବପିଢ଼ିଙ୍କୁ ଉତ୍ସାହିତ କରୁଥିବା ସେ କହିଛନ୍ତି।

ଉତ୍ସବରେ ଅଗ୍ନିଶମ ସେବା, ହୋମ୍‌ଗାର୍ଡ ଓ ସିଭିଲ୍ ଡିଫେନ୍ସର ଆଇଜି ଅସିତ କୁମାର ପାଣିଗ୍ରାହୀ, ଖୋର୍ଦ୍ଧା ଜିଲାପାଳ ସୀତାଂଶୁ ଶେଖର ରାଉତ, ଅତିରିକ୍ତ ଜିଲାପାଳ ଅରୁଣ କୁମାର ବେହେରା, ସତ୍ୟବ୍ରତ ପାଢ଼ି ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜିତ ପରେଡ଼ରେ ୨୫୦ଜଣ ସ୍ୱେଚ୍ଛାସେବୀ ସାମିଲ୍ ହୋଇଥିଲେ। ଆନ୍ତଃବିଦ୍ୟାଳୟ ପ୍ରତିଯୋଗିତାରେ ଯଦୁପୁର ମମତାଜ ଅଲ୍ଲୀ ହାଇସ୍କୁଲ ଓ କେନ୍ଦ୍ରୀୟ ବିଦ୍ୟାଳୟକୁ ପୁରସ୍କୃତ କରାଯାଇଥିଲା। ସେହିଭଳି ଦୁଇଜଣ ଇନ୍ସପେକ୍ଟରଙ୍କୁ ମଧ୍ୟ ଡିଜି ରାୟ ପୁରସ୍କୃତ କରିଥିଲେ। ଏହି ଅବସରରେ ଛାତ୍ରୀମାନେ ଦୁଃସାହସିକ କାର୍ଯ୍ୟ ଓ ଆତ୍ମରକ୍ଷା କୌଶଳ ପ୍ରଦର୍ଶନ କରିଥିଲେ।

## 'ସୋସିଆଲି ସ୍ମାର୍ଟ ଭୁବନେଶ୍ୱର' ପ୍ରୋଜେକ୍ଟ କାର୍ଗିଲ ବସ୍ତି ବୁଲିଲେ ୟୁଏନ୍ଏଫ୍‌ପିଏ ପ୍ରତିନିଧି

**ଭୁବନେଶ୍ୱର,୬।୧୨(ବ୍ୟୁରୋ)**

ୟୁନାଇଟେଡ୍ ନେସନ୍ସ ପପୁଲେଶନ୍ସ ଫଣ୍ଡ(ୟୁଏନ୍ଏଫ୍‌ପିଏ)ର ଏକ ପ୍ରତିନିଧି ଦଳ ଶୁକ୍ରବାର କାର୍ଗିଲ ବସ୍ତି ଗସ୍ତ କରି ସେଠାରେ ସ୍ମାର୍ଟ ଭୁବନେଶ୍ୱର ପ୍ରୋଜେକ୍ଟର ଉପଯୋଗିତା ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ବିଏସ୍‌ସିଏଲ୍, ଭୁବନେଶ୍ୱର ମହାନଗର ନିଗମ ଏବଂ ୟୁଏନ୍ଏଫ୍‌ପିଏର ମିଳିତ ପ୍ରୟାସରେ କାର୍ଯ୍ୟକାରୀ ହେଉଥିବା 'ସୋସିଆଲି ସ୍ମାର୍ଟ ଭୁବନେଶ୍ୱର' ପ୍ରୋଜେକ୍ଟ ୨୦୧୭ରେ ଭୁବନେଶ୍ୱରର ମାତ୍ର ୮ ବସ୍ତିରେ କାର୍ଯ୍ୟକାରୀ ହେଉଥିବାବେଳେ ଏବେ ୧୦୦ ବସ୍ତିକୁ ଏଥିରେ ସାମିଲ କରାଯାଇଛି। ଗୋଷ୍ଠୀଗତ ହସ୍ତକ୍ଷେପ ମାଧ୍ୟମରେ ଯୁବପିଢ଼ିଙ୍କ ଉତ୍ତମ ଭବିଷ୍ୟତ, ଯୁବତୀ ତଥା ମହିଳାଙ୍କ ସୁରକ୍ଷା ଏବଂ ଲିଙ୍ଗଗତ ସମାନତା ଆଣିବା ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ ହୋଇଥିବାବେଳେ ଏହା ମାଧ୍ୟମରେ ମହିଳାଙ୍କୁ ଆତ୍ମସୁରକ୍ଷା କୌଶଳ, ବିଭିନ୍ନ ଧନ୍ଦାମୂଳକ ଶିକ୍ଷା ଓ ବସ୍ତି ଯୁବତୀ ଯୁବକଙ୍କୁ ଦକ୍ଷତା ବିକାଶ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି।

# ଏୟାରଫିଲ୍ଡ ଥାନା ଏଏସ୍ଆଇଙ୍କ ନାଁରେ ମାମଲା

**ଭୁବନେଶ୍ୱର,୬।୧୨(ବ୍ୟୁରୋ)/ ପୁରୁଣା ଭୁବନେଶ୍ୱର(ଡିଏନ୍ଏ)**

- ଠିକାଦାରଙ୍କୁ ଦେଉ ନ ଥିଲେ ୭ଲକ୍ଷ ଟଙ୍କା
- କୋର୍ଟ ନିର୍ଦ୍ଦେଶ କ୍ରମେ ମାମଲା ରୁଜୁ

ଜଣେ ଠିକାଦାରଙ୍କୁ ଠକିବା ଅଭିଯୋଗରେ ଏୟାରଫିଲ୍ଡ ଥାନାର ଏଏସ୍ଆଇ ନବଘନ ସାହୁଙ୍କ ନାମରେ ମାମଲା ରୁଜୁ ହୋଇଛି। ପୋଖରୀପୁଟରେ ରହୁଥିବା ଠିକାଦାର ଅନୁପ କୁମାର ରଥଙ୍କ ଅଭିଯୋଗକ୍ରମେ ଏୟାରଫିଲ୍ଡ ଥାନା ପୋଲିସ ଆଇପିସି ଦଫା ୪୨୦, ୫୦୬, ୨୯୪ ଓ ୩୪୧ ଅନୁଯାୟୀ କେସ୍ ନଂ-୨୭୭/୧୯ରେ ଏକ ମାମଲା ରୁଜୁ କରିଛି। ନ୍ୟାୟ ପାଇଁ ଅନୁପ ବରିଷ୍ଠ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ଶେଷରେ ସେ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ଅଭିଯୋଗର ଗୁରୁତ୍ୱକୁ ଦେଖି ଏୟାରଫିଲ୍ଡ ଥାନା ଅଧିକାରୀଙ୍କୁ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ଅଭିଯୋଗ ଅନୁଯାୟୀ, ଅନୁପଙ୍କ ଅଫିସ୍ ଏୟାରଫିଲ୍ଡ ଥାନା ଅଞ୍ଚଳରେ ହୋଇଥିବାରୁ ତାଙ୍କର ନବଘନଙ୍କ ସହ ପରିଚିତ ହୋଇଥିଲା। ନବଘନ ପଟିଆରେ ଏକ ଘର ତିଆରି କରିବା ପାଇଁ ଅନୁପଙ୍କୁ କହିଥିଲେ। ୩ ମହଲା ପାଇଁ ୮୦ ଲକ୍ଷ ଟଙ୍କା ଦେବା ଲାଗି ଉଭୟଙ୍କ ମଧ୍ୟରେ କଥାବାର୍ତ୍ତା ହୋଇଥିଲା। ଅନୁପ ୨୦୧୮ ନଭେମ୍ବରରେ ଘର ତିଆରି ଆରମ୍ଭ କରିଥିଲେ। ଘର କାମ ପ୍ରଥମ ତାଲା ପର୍ଯ୍ୟନ୍ତ ଯାଇଥିଲା। ହେଲେ ନବଘନ ୧୩ ଲକ୍ଷ ଟଙ୍କା ପ୍ରଥମେ ଦେଇଥିବା ବେଳେ ବାକି ୭ ଲକ୍ଷ ୫୯ ହଜାର ଟଙ୍କା ଆଉ ଦେଇ ନ ଥିଲେ। ଅନୁପ ଟଙ୍କା ମାଗିଲେ ସେ ଦିନ ଗଡ଼ାଇ ଚାଲିଥିଲେ। ଶେଷରେ ତାଙ୍କୁ ମିଛ ମାମଲାରେ ଫସାଇ ଦେବାକୁ ଧମକ ଦେଇଥିଲେ। ଫଳରେ ଅନୁପ ପୋଲିସ କମିଶନରଙ୍କ ଅଭିଯୋଗ ପ୍ରକୋଷ୍ଠରେ ଗତ ଅଗଷ୍ଟ ୨୬ରେ ଅଭିଯୋଗ କରିଥିଲେ। କମିଶନର ତଦନ୍ତ କରି ଅନୁପଙ୍କୁ ଟଙ୍କା ଦେବାକୁ ନବଘନଙ୍କୁ କହିଥିଲେ। କିନ୍ତୁ ନବଘନ ଟଙ୍କା ଦେଇ ନ ଥିଲେ।

### ୫୭ତମ ଗୃହରକ୍ଷୀ ବାହିନୀ ପ୍ରତିଷ୍ଠା ଦିବସ

## ଗୃହରକ୍ଷୀଙ୍କ ସାହସିକତା, ନିଷ୍ଠାପର କାର୍ଯ୍ୟକୁ ପ୍ରଶଂସା

**ଭୁବନେଶ୍ୱର, ୬।୧୨(ବ୍ୟୁରୋ):** ଭୁବନେଶ୍ୱର ରିଜର୍ଭ ପୋଲିସ ପଡିଆରେ ୫୭ତମ ଗୃହରକ୍ଷୀ ବାହିନୀର ପ୍ରତିଷ୍ଠା ଦିବସ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ। ଗୃହରକ୍ଷୀମାନେ ଜନସାଧାରଣଙ୍କୁ ନିରନ୍ତର ଭାବେ ସେବା ଯୋଗାଇ ଆସୁଛନ୍ତି। ବାତ୍ୟା ଫନୀ ସମୟରେ ଗୃହରକ୍ଷୀଙ୍କ ସାହସିକତା ଓ ନିଷ୍ଠାପର କାର୍ଯ୍ୟକୁ କମିଶନର ଷଡ଼ଙ୍ଗୀ ପ୍ରଶଂସା କରିବା ସହ ସଚ୍ଚୋଟତାର ସହ ଦେଶମାତୃକାର ସେବା କରିବାକୁ ପରାମର୍ଶ ଦେଇଥିଲେ। ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ପ୍ରେରିତ ବାର୍ତ୍ତାକୁ କମିଶନର ଷଡଙ୍ଗୀ ପାଠ କରିଥିଲେ। ଅତିରିକ୍ତ ପୋଲିସ କମିଶନର ସଞ୍ଜୟ ସିଂ, ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ, ଟ୍ରାଫିକ ଡିସିପି ସାଗରିକା ନାଥ ଓ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ଗୃହରକ୍ଷୀ ବାହିନୀ ଏସିପି ଅଶୋକ କୁମାର ପାଣିଗ୍ରାହୀ ପରେଡ଼ ପରିଚାଳନା କରିଥିଲେ। ପରେଡ଼ କାର୍ଯ୍ୟକ୍ରମରେ ୧୩୦ ଜଣ ଅଧିକାରୀ ଓ କର୍ମଚାରୀ ପରେଡ଼ରେ ଅଂଶଗ୍ରହଣ କରିଥିଲେ।

# ଶିକ୍ଷା ପାଇଁ ଶୋଇବା ସମୟ କମୁଛି

**ଭୁବନେଶ୍ୱର, ୬।୧୨(ବ୍ୟୁରୋ)**

ଓଡ଼ିଶା ଅଭିବାଭକ ମହାସଂଘ ପକ୍ଷରୁ 'ଗୁଣାତ୍ମକ ଶିକ୍ଷା ଓ ଉତ୍ତମ ଶିଶୁ ସ୍ୱାସ୍ଥ୍ୟ' ଶୀର୍ଷକ କର୍ମଶାଳା ଶୁକ୍ରବାର ଇମେଜ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଅତିଥିଭାବେ ଯୋଗଦେଇ କହିଥିଲେ, ବେସରକାରୀ ବିଦ୍ୟାଳୟମାନେ ସକାଳ ୬ଟାରୁ ସ୍କୁଲ ଖୋଲୁଛନ୍ତି। ଏହା ଶିଶୁମାନଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଉଛି। ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ ବିକାଶ କରିବା ପାଇଁ ରାଜ୍ୟ ସରକାର ସର୍ବଦା କାର୍ଯ୍ୟ କରୁଛନ୍ତି। ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଶିକ୍ଷାର ବିଭିନ୍ନ ଦିଗ ଉପରେ ବର୍ଣ୍ଣନା କରିଥିଲେ। ଆଜିକାଲି ପିଲାମାନେ ଶିକ୍ଷା ପଛରେ ଧାଇଁ ପର୍ଯ୍ୟାପ୍ତ ପରିମାଣରେ ଶୋଇପାରୁନାହାନ୍ତି। ଠିକ୍ ସମୟରେ ଓ ପର୍ଯ୍ୟାପ୍ତ ପରିମାଣରେ ନ ଶୋଇଲେ ଶିଶୁଙ୍କ ମାନସିକ, ଶାରୀରିକ, ବୌଦ୍ଧିକ ଓ ସର୍ବସମ୍ପନ୍ନ ବିକାଶ ଠିକ୍ ଭାବେ ହୋଇପାରିବ ନାହିଁ। ତେଣୁ ସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ଉଚିତ ବୋଲି କର୍ମଶାଳାରେ ମତପ୍ରକାଶ ପାଇଛି। ଏଥିରେ ପ୍ରାୟ ୩୦୦ ବ୍ୟକ୍ତିବିଶେଷ ଯୋଗଦେଇ ନିଜ ନିଜର ମତାମତ ଓ ଗବେଷଣାତ୍ମକ ପ୍ରବନ୍ଧ ଉପସ୍ଥାପନା କରିଥିଲେ। ଓଡ଼ିଶା ଅଭିଭାବକ ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମଶାଳାରେ ଓଏସ୍‌ସିପିସିଆର୍ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ, ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ପରାମର୍ଶଦାତା ବିଜୟ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ମନୋଜ ଜେନା ଧନ୍ୟବାଦ ଦେଇଥିଲେ। ମହାସଂଘର ସହଅଧ୍ୟକ୍ଷ ପ୍ରସନ୍ନ ବିଷୋୟୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୫-ଟି ସଚିବଙ୍କ ଗସ୍ତ ପରେ ତତ୍ପର ପ୍ରଶାସନ

# ବିଏମ୍‌ସି ଭାଙ୍ଗିଲା ନିଜ ବେଆଇନ ନିର୍ମାଣ

**ପୁରୁଣା ଭୁବନେଶ୍ୱର, ୬।୧୨ (ଡି.ଏନ.ଏ.)**

୫-ଟି ସଚିବଙ୍କ ଗୁରୁବାର ଅଚାନକ ଗସ୍ତ ନେଇ ଏକାମ୍ର କ୍ଷେତ୍ରରେ ବିଭିନ୍ନ ବିଭାଗ କର୍ମଚାରୀଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ବିଏମ୍‌ସିର ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁ ମିଳିତ ଉଚ୍ଛେଦ ଟିମ୍ ସହାୟତାରେ ନିଜେ ବିଏମ୍‌ସି ନିର୍ମାଣ କରିଥିବା ବେଆଇନ ନିର୍ମାଣ ମାଟିରେ ମିଶାଇଲା। ଗୌତମନଗର ମୌଜାର ପ୍ଲଟ ନଂ. ୨୨୨୪ ଓ ୨୨୨୫ ଉପରେ ବେଆଇନ ଭାବେ ଗଢି ତୋଳିଥିବା ବିଏମ୍‌ସି ଅର୍ଦ୍ଧନିର୍ମିତ ଘରଗୁଡିକୁ ଡ୍ରୋଜର ସାହାଯ୍ୟରେ ଶୁକ୍ରବାର ଭଙ୍ଗାଯାଇଛି। ୧୯୭୦ ଦେବୋତ୍ତର କମିଶନର ଚିଠି ନଂ. ୧୧୯୪୩ ଜରିଆରେ ତତ୍କାଳୀନ ଲିଙ୍ଗରାଜ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଭୁବନେଶ୍ୱର ନୋଟିଫାଏଡ ଏରିଆ କାଉନସିଲ ଓ ମହାସୁଆର ନିଯୋଗ ସମିତିଙ୍କୁ ଫୁଲ ବଗିଚା କରିବା ଉଦ୍ଦେଶ୍ୟରେ ଏହି ଜମି ଦେବା ନେଇ ଜଣାଇଥିଲେ। ମାତ୍ର କେଉଁ ପରିସ୍ଥିତିରେ ଏହି ସମ୍ପତ୍ତି ଫୁଲ ବଗିଚା ନ କରାଯାଇ ନଗରପାଳିକା ଭୁବନେଶ୍ୱରଙ୍କ ନାମରେ ପରବର୍ତ୍ତୀ ସମୟରେ ରେକର୍ଡ ଭୁକ୍ତ ହୋଇଥିଲା ଏ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଏହି ନିର୍ମାଣ ବିରୋଧରେ ଅଭିଯୋଗ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନ ହେବା ଯୋଗୁ ପୂଜାପଣ୍ଡା ନିଯୋଗ ପକ୍ଷରୁ ଅଦାଲତରେ ମାମଲା କରାଯାଇ ସ୍ଥଗିତାଦେଶ ଜାରି କରାଯାଇଥିଲା। ସାଧାରଣ ଟିକସ ଦାତାଙ୍କ ଲକ୍ଷାଧିକ ଟଙ୍କା ବ୍ୟୟ କରି ବିଏମ୍‌ସି ଏଭଳି ବେଆଇନ ନିର୍ମାଣ କରିବା ଓ ପରବର୍ତ୍ତୀ ପର୍ଯ୍ୟାୟରେ ଭାଙ୍ଗିବା ଯୋଗୁ ସାଧାରଣରେ ନିନ୍ଦିତ ହୋଇଛି। ମୋଟ ୪୧୫ ଡିସିମିଲ ସମ୍ପତ୍ତି ଉଦ୍ଧାର ହେବା ପରେ ଏହା ସର୍ବସାଧାରଣ ହିତରେ ବ୍ୟବହାର ହେବବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।



ବିଏମ୍‌ସି ପକ୍ଷରୁ ଉଚ୍ଛେଦ କରାଯାଉଛି।

## କର୍ପୋରେଟ ଦଖଲରୁ ଶ୍ରୀଲିଙ୍ଗରାଜଙ୍କ ରକ୍ଷିତ ଜମି ଉଦ୍ଧାର ନେଇ ମାପଚୁପ

ଶୁକ୍ରବାର ଅପରାହ୍ନରେ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମେତ କେତେଜଣ କର୍ମଚାରୀ ଓ ଅମିନଙ୍କ ସହାୟତାରେ ସାମନ୍ତରାପୁରସ୍ଥିତ ଜଣେ ବ୍ୟକ୍ତି ତଥା କର୍ପୋରେଟ ହାଉସ ଦଖଲରେ ରହିଥିବା ବହୁମୂଲ୍ୟ ଦେବୋତ୍ତର ସମ୍ପତ୍ତି ଉଦ୍ଧାର ନେଇ ମାପଚୁପ ଆରମ୍ଭ ହୋଇଛି। ଜାତୀୟ ରାଜପଥ ସଂଲଗ୍ନ ଭୁବନେଶ୍ୱର ମୌଜାର ପ୍ଲଟ ନଂ. ୨୧୭୬ ଉପରେ ଟ୍ରାନ୍ସଫରମର ବସାଇବା, ହୋର୍ଡିଂ ଲଗାଇବା ଓ କଙ୍କ୍ରିଟ କରି ବ୍ୟକ୍ତିଗତ ଦଖଲରେ ୬୮ ଡିସିମିଲ ଜମି ଦଖଲ ହୋଇଥିବା ଅଭିଯୋଗ କରାଯାଇଥିଲା। କିଛି ମାସ ପୂର୍ବେ ଏହି ପ୍ଲଟ ସନ୍ନିକଟ ଜମି ଉପରେ ନିର୍ଦ୍ଦିଷ୍ଟ ସେବାୟତ ନିଯୋଗ ପକ୍ଷରୁ ନିର୍ମାଣାଧୀନ ମାର୍କେଟ କମ୍ପ୍ଲେକ୍ସକୁ ବନ୍ଦ କରିବା ନେଇ ମନ୍ଦିର ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି ହୋଇଥିଲା। ଏହି ନିକଟରେ ୧୦ ଏକରରୁ ଊର୍ଦ୍ଧ୍ୱ ଶ୍ରୀଲିଙ୍ଗରାଜଙ୍କ ଅନାବାଦୀ ଜମିଗୁଡ଼ିକୁ ବିଭିନ୍ନ ପ୍ରତିପତ୍ତିଶାଳୀ ବ୍ୟକ୍ତି ଦଖଲ କରି ବ୍ୟବସାୟିକ କାର୍ଯ୍ୟରେ ଲଗାଇଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ପ୍ଲଟ ନଂ. ୨୧୭୪, ୨୧୭୫ ସମେତ କେତେକ ଜମିର ମାଲିକାନା ସ୍ୱତ୍ୱ ବଦଳା ଯାଇଥିବାରୁ ଦେବୋତ୍ତର ବିଭାଗ ପକ୍ଷରୁ ପୁନର୍ବାର ଏଗୁଡିକୁ ନିଜ ଅଧୀନକୁ ଫେରାଇ ଆଣିବା ନେଇ ଏହି ମାପଚୁପ କାର୍ଯ୍ୟ ଆରମ୍ଭ ହୋଇଥିବା ଜଣାପଡିଛି।

## ଲିଙ୍ଗରାଜ ଥାନା ସ୍ଥାନାନ୍ତର ନେଇ ଅସନ୍ତୋଷ

ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି ସହ ଜଡିତ ଜମିଗୁଡ଼ିକ ଜବରଦଖଲକାରୀଙ୍କ ଦଖଲରୁ ଫେରାଇ ଆଣିବା ଦାବି ଜୋର ଧରିଛି। ଠାକୁରଙ୍କ ଲାଖି ବିନ୍ଧା ପଡିଆ ଓ ଶ୍ରୀପଞ୍ଚମୀ ପଡିଆରୁ ଜବରଦଖଲ ଉଚ୍ଛେଦ କରିବା ନେଇ ବହୁଦିନରୁ ଅଭିଯୋଗ ହେଉଛି। ଏକଦା ୮୦୦ ଡିସିମିଲରୁ ଊର୍ଦ୍ଧ୍ୱ ଜମି ଶ୍ରୀପଞ୍ଚମୀ ପଡିଆ ଭାବେ ବ୍ୟବହୃତ ହେଉଥିବାବେଳେ ଏବେ ମାତ୍ର ୮୦ ଡିସିମିଲରୁ କମ୍ ରହିଛି। ପୋଲିସ ବିଭାଗର କେତେଜଣ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସମେତ ଜିଲା ପ୍ରଶାସନର କର୍ମକର୍ତ୍ତା ଲିଙ୍ଗରାଜ ଥାନା ସ୍ଥାନାନ୍ତର ନେଇ ଶ୍ରୀପଞ୍ଚମୀ ପଡିଆ ନିରୀକ୍ଷଣ କରିବା ନେଇ ସେବାୟତ, ଶ୍ରଦ୍ଧାଳୁଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି। ଏହି ଶ୍ରୀପଞ୍ଚମୀ ପଡିଆ ଜବରଦଖଲ ଉଚ୍ଛେଦ କରାଯାଇ ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି ପାଇଁ ବ୍ୟବହାର କରାଯିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ପ୍ରଶାସନ ପକ୍ଷରୁ କୁହନ୍ତି, ଶ୍ରୀଜୀଉଙ୍କ ରୀତିନୀତି ସହ ଜଡିତ କୌଣସି ସମ୍ପତ୍ତି ଅନ୍ୟ ବ୍ୟବହାର ନିମନ୍ତେ ଦିଆଯିବ ନାହିଁ।



ନିର୍ବୋଧମାନଙ୍କର ଯୁକ୍ତି ହେଉଛି ପକ୍ଷପାତିତା।
- ଭଲ୍‌ଟାୟାର

# ତେଲଙ୍ଗାନା ଏନକାଉଣ୍ଟର ସମର୍ଥନ-ପ୍ରଶ୍ନବାଚୀ

**କଟକ ଅଫିସ, ୬।୧୨: ହାଇଦ୍ରାବାଦ ପୋଲିସ ଏନ୍‌କାଉଣ୍ଟରରେ ଗଣବଳାତ୍କାର ଓ ହତ୍ୟା ମାମଲାର ୪ ଅଭିଯୁକ୍ତଙ୍କ ମୃତ୍ୟୁ ଘଟିଛି। ମହିଳା ପ୍ରାଣୀ ଚିକିତ୍ସକଙ୍କ ଉପରେ ହୋଇଥିବା ବର୍ବରତାକୁ ନେଇ ଦେଶରେ ଯେଉଁଭଳି ପ୍ରତିକ୍ରିୟା ପ୍ରକାଶ ପାଇଥିଲା, ଏବେ ପୋଲିସ କାର୍ଯ୍ୟାନୁଷ୍ଠାନ ପରେ ମଧ ଦେଶବ୍ୟାପୀ ତର୍କବିତର୍କ ଲାଗି ରହିଛି। ପୋଲିସ ଠିକ୍ କରିଛି କହି ଅନେକେ ଉତ୍ସବ ପାଳୁଥିବାବେଳେ ପୋଲିସ ସମ୍ବିଧାନକୁ ହତ୍ୟା କରିଛି ବୋଲି କେତେକେ ମତ ଦେଉଛନ୍ତି। କିଛିଦିନ ହେବ ବଳାତ୍କାର ଘଟଣାକୁ ନେଇ ଦେଶବ୍ୟାପୀ ଲୋକଙ୍କ ମଧ୍ୟରେ ପୋଲିସ ଓ ସରକାରଙ୍କ ବିରୋଧରେ ଆକ୍ରୋଶଭାବ ଜାଗ୍ରତ ହୋଇଥିଲା। ଏହାକୁ ପ୍ରଶମିତ କରିବା ପାଇଁ ପୋଲିସ ଏନ୍‌କାଉଣ୍ଟର କାହାଣୀ ରଚିଥିବା ଚର୍ଚ୍ଚା ହେଉଛି।**

## ନ୍ୟାୟିକ ବ୍ୟବସ୍ଥାର ହତ୍ୟା



ଆଇନର ଊର୍ଦ୍ଧ୍ୱରେ କେହି ନୁହନ୍ତି ବୋଲି ଭାରତୀୟ ନ୍ୟାୟିକ ବିଧିବ୍ୟବସ୍ଥାରେ ଉଲ୍ଲେଖ ରହିଛି। କିନ୍ତୁ ତେଲଙ୍ଗାନା ଘଟଣାକୁ ଦେଖିଲେ ସ୍ପଷ୍ଟ ହେଉଛି, ପୋଲିସ ହେଉଛି ସବୁଠୁ ଉପରେ। ଏହା ଏନ୍‌କାଉଣ୍ଟର ନୁହେଁ, ହତ୍ୟା ବୋଲି ମନେହେଉଛି। ଯେଉଁ ୪ ଜଣଙ୍କୁ ପୋଲିସ ଏନ୍‌କାଉଣ୍ଟର କରିଛି ସେମାନଙ୍କ ବିରୋଧରେ କେବଳ ଅଭିଯୋଗ ହିଁ ହୋଇଛି। ସେମାନେ ଅଦାଲତରେ ଦୋଷୀ ସାବ୍ୟସ୍ତ ହୋଇନାହାନ୍ତି। ଏହାପୂର୍ବରୁ ସେମାନଙ୍କ ମୃତ୍ୟୁ ନ୍ୟାୟିକ ବ୍ୟବସ୍ଥାର ହତ୍ୟା ଭଳି। ନିରୀହ ଆଦିବାସୀଙ୍କୁ ମାଓବାଦୀର ଆଖ୍ୟା ଦେଇ ପୋଲିସ ଗୁଳିକରି ହତ୍ୟା କରିଥିବା ଭଳି ଘଟଣା ଓଡ଼ିଶାରେ ଘଟିଛି, ଯାହା କନ୍ଧମାଳ ଜିଲା ଗୁମୁଡୁମୁହାଁଠାରେ ୨୦୧୬ରେ ଦେଖିବାକୁ ମିଳିଥିଲା।

**- ଆଡଭୋକେଟ ଶଙ୍କର ପ୍ରସାଦ ପାଣି, ମାନବାଧିକାର କର୍ମୀ**

## ପୋଲିସ ଷ୍ଟୋରି ପ୍ରସ୍ତୁତ କରିଛି



ତେଲଙ୍ଗାନା ଏନ୍‌କାଉଣ୍ଟର ଏକ ପୋଲିସ ପ୍ରାୟୋଜିତ ଷ୍ଟୋରି। ଭାରତୀୟ ନ୍ୟାୟିକ ବ୍ୟବସ୍ଥାରେ ଦଣ୍ଡବିଧାନ କରିବାର କ୍ଷମତା ପୋଲିସକୁ ଦିଆଯାଇନାହିଁ। ତେଣୁ ତେଲଙ୍ଗାନାରେ ପୋଲିସ ଏନ୍‌କାଉଣ୍ଟର କରିଛି କି ହତ୍ୟା, ତାହାର ତଦନ୍ତ କରାଯିବା ଜରୁରୀ।

**- ବିଶ୍ୱପ୍ରିୟ କାନୁନ୍‌ଗୋ, ମାନବାଧିକାର କର୍ମୀ**

## ପୋଲିସ ଠିକ୍ କରିଛି



ପୋଲିସ ଏକଦମ୍ ଠିକ୍ କରିଛି। ଏହା ନିତାନ୍ତ ଆବଶ୍ୟକ ଥିଲା। ସେମାନେ ଅଭିଯୁକ୍ତ ଏବଂ ଆପରାଧିକ ମାନସିକତା ଯୋଗୁ ହିଁ ପୋଲିସ କବ୍‌ଜାରୁ ଖସିଯିବାକୁ ଉଦ୍ୟମ କରୁଥିଲେ। ପୂର୍ବରୁ ମଧ ସେମାନେ ଉକ୍ତ ଘଟଣାରେ ସମ୍ପୃକ୍ତ ଥିବା ସ୍ୱୀକାର କରିଛନ୍ତି। ଏତେ ଲୋକ ବୁଲୁଛନ୍ତି ପୋଲିସ କାହିଁକି ସେହି ୪ ଜଣଙ୍କୁ ଧରି ନେଇଥିଲା। ସିସିଟିଭି ଫୁଟେଜ ଓ ପୋଲିସ ତଦନ୍ତରୁ ସେମାନେ ହିଁ ଏଭଳି ଜଘନ୍ୟ କାଣ୍ଡ କରିଥିବା ମାନିଛନ୍ତି। ମୁଁ ଜଣେ ମହିଳା ଭାବେ ତେଲଙ୍ଗାନା ପୋଲିସକୁ ଅନ୍ତରର ସହିତ ଧନ୍ୟବାଦ ଦେଉଛି।

**- ବିଜୟଲକ୍ଷ୍ମୀ ମହାପାତ୍ର, ରାଜ୍ୟ ସମ୍ପାଦିକା, ଆଶ୍ୱସ୍ତି ଫାଉଣ୍ଡେଶନ**

## ସୋସିଆଲ ମିଡିଆ ଦୁଇଫାଳ

**ଭୁବନେଶ୍ୱର,୬।୧୨(ବ୍ୟୁରୋ): ତେଲଙ୍ଗାନାରେ ଶୁକ୍ରବାର ଭୋର ସମୟରେ ହୋଇଥିବା ଏନ୍‌କାଉଣ୍ଟରକୁ ନେଇ ସମଗ୍ର ଦେଶରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଉଥିବାବେଳେ ସୋସିଆଲ ମିଡିଆ ମଧ ଦୁଇଫାଳ ହୋଇଯାଇଛି। କିଏ ଏହାକୁ ସମର୍ଥନ କରୁଛି ତ କିଏ ବିରୋଧ କରୁଛି। ଟୁଇଟରର ଭିନ୍ନ ମତପୋଷଣ କରୁଥିବା ସେଭଳି କିଛି ଟୁଇଟ୍‌କୁ ଏଠାରେ ଦିଆଗଲା।**

### ତଦନ୍ତ ଆଗରୁ ମାରିଦିଆଗଲା

ଆଶ୍ଚର୍ଯ୍ୟ ଲାଗୁଛି। ଆମେ କ'ଣ ହୋଇଗଲେଣି ? ସେମାନେ ବାସ୍ତବ ଦୋଷୀ ବୋଲି କ'ଣ ପ୍ରମାଣ ଥିଲା ? ସନ୍ଦେହକୁ ଦୂରକରି ଅପରାଧକୁ ପ୍ରମାଣିତ କରିବା ପାଇଁ ଆମ ପାଖରେ ସୂଚନା ଥିଲା ନା ପ୍ରମାଣ ଥିଲା ନା କୌଣସି ତଦନ୍ତ କରାଯାଇଥିଲା। ଏପରିକି ମରିଥିବା ଲୋକଙ୍କ ନିକଟରେ ନିଜର ଓକିଲ ମଧ ନ ଥିଲେ। ତଦନ୍ତର ଶୁଣାଣି ପୂର୍ବରୁ ସେମାନଙ୍କୁ ଏନ୍‌କାଉଣ୍ଟର କରି ମାରିଦିଆଗଲା। ହେଲେ ଆମେ ଏହାକୁ ସେଲିବ୍ରେଟ୍ କରୁଛେ।

**- ସଂଯୁକ୍ତା ବାସୁ, ଲେଖକ/ଫଟୋଗ୍ରାଫର/ଟେଡ୍‌ଏକ୍ସ ସ୍ପିକର୍**

### ତାଲିବାନ୍, ଆଇଏସ୍‌କୁ ବି ବିରୋଧ କରା ନ ଯାଉ

ଯେଉଁମାନେ 'ମାଫିଆ ଷ୍ଟାଇଲ୍ ହାଇଦ୍ରାବାଦ ଜଷ୍ଟିସ୍'ରେ ଖୁସି ମନାଉଛନ୍ତି ସେମାନେ ଆଇଏସ୍‌ର ବର୍ବରପୂର୍ଣ୍ଣ ମୁଣ୍ଡକାଟ, ତାଲିବାନ୍ ହତ୍ୟା ଓ ମାଓବାଦୀଙ୍କ କଙ୍ଗାରୁ କୋର୍ଟରେ ଦିଆଯାଉଥିବା ମୃତ୍ୟୁଦଣ୍ଡକୁ ମଧ ବିରୋଧ କରିବା ଅନୁଚିତ। ଶହ ଶହ ବର୍ଷର ବିବର୍ତ୍ତନ ପରେ ଏକ ଆଧୁନିକ ଓ ସଭ୍ୟ ସମାଜ ଆଜି ପ୍ରତିଷ୍ଠା ହୋଇପାରିଛି। ହେଲେ ଆମପାଖରେ ନିୟମକୁ ଅନୁକରଣ କରିବାକୁ ଧୈର୍ଯ୍ୟ କି ସହନଶୀଳତା ନାହିଁ।

**- ଶେଖର ଗୁପ୍ତା, ପ୍ରତିଷ୍ଠାତା, ଦି ପ୍ରିଣ୍ଟ**

### ଆଶାରାମ, ରାମରହିମଙ୍କ ସହ ଏଭଳି ହେବ କି

ଏନ୍‌କାଉଣ୍ଟର ବେଳେ ଜଣକୁ ଜୀବନରୁ ନ ମାରିବା ପାଇଁ ପୋଲିସଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଇଥାଏ। ସମସ୍ତ ୪ଜଣ ବ୍ୟକ୍ତି ପୋଲିସ ହେପାଜତରେ ଥିଲେ। ସେମାନଙ୍କ ନିକଟରେ କୌଣସି ଅସ୍ତ୍ରଶସ୍ତ୍ର ନ ଥିଲା। ଏବେ ପୋଲିସ ହେପାଜତରେ ଥିବା ରାମ ରହିମ ଓ ଆଶାରାମ ବାପୁଙ୍କ ସହ ପୋଲିସ ଏଭଳି କରିବ କି ? ସେମାନେ ମଧ ବଳାତ୍କାର କରି ଜେଲ୍‌ରେ ଅଛନ୍ତି ଓ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଏଭଳି ଜଘନ୍ୟ ଅପରାଧ ପାଇଁ ମୁଁ ମଧ କଠୋରରୁ କଠୋର ଦଣ୍ଡ ଆଶା କରୁଛି। ହେଲେ ଆଇନ ଅନୁସାରେ ଦଣ୍ଡ ଦିଆଯାଉ।

**- ଆକାଶ ଚୋପ୍ରା, ପୂର୍ବତନ କ୍ରିକେଟର/କ୍ରିକେଟ୍ ଆନାଲିଷ୍ଟ**

### ପିଆଜ ମହଙ୍ଗା, ଗୁଳି ଶସ୍ତା

ଆମେ ଏଭଳି ଏକ ସମୟରେ ରହୁଛେ, ଯେଉଁଠାରେ ପିଆଜ ମହଙ୍ଗା କିନ୍ତୁ ଗୁଳି ଶସ୍ତା। ହାଇଦ୍ରାବାଦ ପୋଲିସ ଭାବୁଛି ଆର୍ମି କ'ଣ ପାଇଁ ସବୁବେଳେ କ୍ରେଡିଟ୍ ନେବ। ଆମେ ମଧ କିଛି ସର୍ଜିକାଲ ଷ୍ଟ୍ରାଇକ କରି କ୍ରେଡିଟ୍ ନେଇଯିବା। ଗଣହତ୍ୟା ଓ ପୋଲିସ ଏନ୍‌କାଉଣ୍ଟର ମଧ୍ୟରେ କୌଣସି ତଫାତ୍ ନାହିଁ। ଦୋଷୀ ସାବ୍ୟସ୍ତ ହୋଇ ନଥିବା ୪ଜଣ ଲୋକଙ୍କୁ ଜୀବନରୁ ମାରିଦେବା ଅର୍ଥାତ୍ ଆମ ନିଜ ଆଇନ ବ୍ୟବସ୍ଥା ଉପରେ ଆମର ଭରସା ନାହିଁ। ଯଦି ନ୍ୟାୟିକ ବ୍ୟବସ୍ଥାଠାରୁ ଅଧିକ ପୋଲିସ ଉପରେ ଭରସା କରିବା ତାହେଲେ ଆସନ୍ତାକାଲି ଏକ ଦୁର୍ନୀତିଗ୍ରସ୍ତ ପୋଲିସ ବିରୋଧରେ ଅଭିଯୋଗ କରିହେବନି।

**- ସମୀର ରଞ୍ଜନ ବକ୍ସି**

### ଗଙ୍ଗାରେ ବୁଡ଼ ପକାଇ ଅଧିକାଂଶ ବଳାତ୍କାରୀ ଖସିଯାଉଛନ୍ତି

ବଳାତ୍କାର ମାମଲାରେ ଦୋଷୀ ହୋଇଥିବା ସମସ୍ତ ଅପରାଧୀଙ୍କୁ ଏନ୍‌କାଉଣ୍ଟର କରି ମାରି ଦିଆଯାଇନି। କିଛି ଏଭଳି ବଳାତ୍କାରୀ ଅଛନ୍ତି, ଯେଉଁମାନେ ଗଙ୍ଗା ନଦୀରେ ବୁଡ଼ ପକାଇ ଆଇନ ହାତରୁ ଖସିଯାଇଛନ୍ତି। ବିଶେଷକରି ବଳାତ୍କାରୀ ଯେତେ ଧନୀ ଓ ଶକ୍ତିଶାଳୀ ହେବ ସେ କ୍ଷେତ୍ରରେ ଏଭଳି ଆଶଙ୍କା ଅଧିକ। ଆଇନ ବ୍ୟବସ୍ଥାରେ ଅଧିକାଂଶ ଦ୍ରିଶଙ୍କୁ ଭଳି ଫସିଯାଉଥିବା ବେଳେ ବହୁତ କମ୍ ଲୋକ ଯାହା ପାଇବା ଯୋଗ୍ୟ ତାହା ପାଇଥାନ୍ତି।

**- ଦେବଦତ୍ତ ପଟ୍ଟନାୟକ, ପୁରାଣବିତ୍/ଲେଖକ**

### ଶୋଇବା ସମୟରେ ପୋଲିସ ତଦନ୍ତ କଲା କେମିତି

ରାତି ୩ଟା ୩୦ରେ ଯେତେବେଳେ ସେ ଯୁବତୀ ବଞ୍ଚିଥିଲେ ସେତେବେଳେ ପୋଲିସ ଏଫ୍ଆଇଆର୍ ରଖିବାକୁ ମନା କରିଦେଇଥିଲା। କାରଣ ପୋଲିସ ସେ ସମୟରେ ଶୋଇଥିଲା। ହେଲେ ମାମଲାର ତଦନ୍ତ କରିବାକୁ ଏତେ ରାତିରେ ପୋଲିସ କେମିତି ନିଦରୁ ଉଠିଗଲା। କୁଲଦୀପ ସିଂ ସେଙ୍ଗର ଭଳି ବଳାତ୍କାର ଅପରାଧୀଙ୍କୁ କେବେ ଏମତି ଏନ୍‌କାଉଣ୍ଟର କରାଯିବନାହିଁ। ସେହି ମାମଲାରେ ବରଂ ପୀଡ଼ିତାଙ୍କ ବାପାଙ୍କୁ ପୋଲିସ ହେପାଜତରେ ମାରିଦିଆଯାଇଛି।

**- କରୁଣା ନନ୍ଦୀ, ଆଇନଜୀବୀ, ସୁପ୍ରିମକୋର୍ଟ**




ତେଲଙ୍ଗାନା ଏନ୍‌କାଉଣ୍ଟର ଘଟଣାରେ ପୋଲିସକୁ ସମର୍ଥନ ଜଣାଇ ଓ ପୀଡ଼ିତାଙ୍କ ଆତ୍ମାର ସଦ୍‌ଗତି କାମନା କରି ଭୁବନେଶ୍ୱରର କଳ୍ପନା ଛକ ଟୋକା ସଂଘ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ବାହାରିଥିବା ଶୋଭାଯାତ୍ରା।

# 'କଳିଙ୍ଗ ଯୁଦ୍ଧର ଐତିହାସିକ ପ୍ରମାଣ ନାହିଁ'

ଭୁବନେଶ୍ୱର,୬।୧୨(ବ୍ୟୁରୋ)



ଦୟା ଦିସାନାୟକେ

କଳିଙ୍ଗ ଯୁଦ୍ଧର ଐତିହାସିକ ପ୍ରମାଣ ନାହିଁ। ପ୍ରଚଳିତ ତଥ୍ୟ ଓ ଉପଲବ୍ଧ ଅଧ୍ୟୟନରୁ କଳିଙ୍ଗ ଯୁଦ୍ଧ ହୋଇଥିବାର କୌଣସି ପ୍ରମାଣ ମିଳିନାହିଁ। ଦୟାନଦୀ କୂଳରେ ଥିବା ଶିଳାଲେଖରେ କଳିଙ୍ଗ ଯୁଦ୍ଧ ହୋଇଥିବା ନେଇ କିଛି ଉଲ୍ଲେଖ ନାହିଁ। ଶ୍ରୀଲଙ୍କା ଇତିହାସରେ ଅଶୋକଙ୍କ ଧର୍ମ ପ୍ରଚାର ସମ୍ପର୍କରେ ଉଲ୍ଲେଖ ରହିଥିଲେ ମଧ କଳିଙ୍ଗ ଯୁଦ୍ଧର ବର୍ଣ୍ଣନା ନାହିଁ। ଯଦିଓ କଳିଙ୍ଗ ଯୁଦ୍ଧ ହୋଇଥିବାର ଲିଖିତ ପ୍ରମାଣ ଅନ୍ୟ ଏକ ଶିଳାଲେଖରେ ରହିଛି, ତାହା ଅଶୋକ ନିଜର ଶାନ୍ତିଧର୍ମ ପ୍ରଚାର ଉଦ୍ଦେଶ୍ୟରେ କରି ଥାଇପାରନ୍ତି ବୋଲି ଶ୍ରୀଲଙ୍କାର ଖ୍ୟାତନାମା ସାହିତ୍ୟିକ ତଥା 'ଅଶୋକ' ପୁସ୍ତକର ରଚୟିତା ଦୟା ଦିସାନାୟକେ କହିଛନ୍ତି।

ଅଶୋକଙ୍କ ସମ୍ପର୍କରେ ଦୀର୍ଘ ୩ ବର୍ଷରୁ ଅଧିକ ସମୟ ଧରି ଗବେଷଣା କରି 'ହୁ ଇଜ୍ ଅଶୋକ' ପୁସ୍ତକ ରଚନା କରିଥିବା ଦିସାନାୟକେ ଶୁକ୍ରବାର ସ୍ଥାନୀୟ ଅକ୍ସଫୋର୍ଡ ବୁକ୍‌ଷ୍ଟୋର୍‌ରେ ଆୟୋଜିତ ମାସିକ କେଏଲ୍‌ଏଫ୍ ପାଠ୍ୟଚକ୍ରରେ ଯୋଗଦେଇ କହିଥିଲେ, ଶାନ୍ତିପ୍ରିୟ ଅଶୋକ ନିଜ ଧର୍ମ ପ୍ରଚାର ଉଦ୍ଦେଶ୍ୟରେ କଳିଙ୍ଗ ଯୁଦ୍ଧର କାହାଣୀରେ ତାଙ୍କ ହୃଦୟ ପରିବର୍ତ୍ତିତ ହୋଇଥିବା କଥା ବର୍ଣ୍ଣନା କରିଥାଇପାରନ୍ତି। ଲୋକଙ୍କୁ ଶାନ୍ତିର ପଥ ଆପଣେଇବାକୁ ପ୍ରେରିତ କରିବା ସକାଶେ ସେ କଳିଙ୍ଗ ଯୁଦ୍ଧର ପରିକଳ୍ପନା କରିଥିବା ମନେହୁଏ। ଜଣେ ବିଜୟ ଲାଭ କରିଥିବା ସ୍ଥଳେ ନିଜ ବିଜୟ ଗାଥା ନ ଲେଖି ଶାନ୍ତିର ବାର୍ତ୍ତା ପ୍ରଦାନ କରିବା ଅସମ୍ଭବ ବୋଲି ସେ କହିଛନ୍ତି। ଅଶୋକ ଯେଉଁ ଧର୍ମ ପାଳନ କଥା କହିଥିଲେ, ତାହା ସବୁ ରାଷ୍ଟ୍ରରେ ପାଳନୀୟ ଏବଂ ବିଶ୍ୱ ଭ୍ରାତୃତ୍ୱବାଦକୁ ଆଗକୁ ନେବାରେ ଏହା ସାହାଯ୍ୟ କରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେ ପୁଣି କହିଛନ୍ତି, ଭାରତରେ ଅନେକ ଶିଳାଲେଖ ଓ ଐତିହାସିକ କୀର୍ତ୍ତିର ଆବିଷ୍କାର ଓ ଏହାର ଗବେଷଣା ବ୍ରିଟିଶ ତଥା ୟୁରୋପୀୟମାନେ କରିଥିଲେ। ଶିଳାଲେଖର ବିଶ୍ଳେଷଣ ମଧ ସେମାନେ କରିଛନ୍ତି। ଏଣୁ ଭାରତର ପ୍ରକୃତ ଇତିହାସ ବିଷୟରେ ଜାଣିବା ପାଇଁ ଭାରତୀୟ ଇତିହାସକାର, ଭାଷାବିତ୍, ପୁରାତନତତ୍ତ୍ୱବିଦ୍ ଓ ନୃତତ୍ତ୍ୱବିଦ୍ ପୁନର୍ବାର ଏହିସବୁ ଶିଳାଲେଖର ଖନନ ଓ ବିଶ୍ଳେଷଣ କରିବାକୁ ଦିସାନାୟକେ ପରାମର୍ଶ ଦେଇଛନ୍ତି। ଆର୍ଥିକ ଲାଭ ପାଇଁ ଲେଖିବା ଫଳରେ ସୃଜନଶକ୍ତି ବାଧିତ ହୋଇଥାଏ। ଏଣୁ ଉଚ୍ଚକୋଟୀର ସାହିତ୍ୟ ରଚନା ପାଇଁ ବିନା ପାରିଶ୍ରମିକର ଆଶା ରଖି ରଚନା କରିବା ଆବଶ୍ୟକ। ଫଳରେ କାଳିଦାସ, ବାଲ୍ମୀକିଙ୍କ ପରି କାଳଜୟୀ କୃତି ସୃଷ୍ଟି ହୋଇପାରିବ ବୋଲି ସେ ଯୁବ ଲେଖକଙ୍କୁ ପରାମର୍ଶ ଦେଇଛନ୍ତି।

# କେନ୍ଦ୍ରୀୟ ବିଦ୍ୟାଳୟ ଛାତ ଉପରୁ ଡେଇଁ ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ

ଭୁବନେଶ୍ୱର,୬।୧୨(ବ୍ୟୁରୋ)

**ଗୁରୁତର ଅବସ୍ଥାରେ ଘରୋଇ ହସ୍ପିଟାଲରେ ଭର୍ତ୍ତି**

ଶିକ୍ଷୟିତ୍ରୀଙ୍କ ନିର୍ଯାତନାରେ ଅତିଷ୍ଠ ହୋଇ ଜଣେ ଛାତ୍ରୀ ଶୁକ୍ରବାର ଅପରାହ୍ନରେ ବିଦ୍ୟାଳୟର ୩ ମହଲା ଛାତରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ମଞ୍ଚେଶ୍ୱର ଥାନା ଅଧୀନ ଗାଡ଼କଣସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ-୩ରେ ଏଭଳି ଘଟଣା ଘଟିଛି। ଛାତ୍ରୀଙ୍କୁ ଗୁରୁତର ଅବସ୍ଥାରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ହାତ, ଗୋଡ଼ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ପରିବାର ଲୋକେ ରାତିରେ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନା ଅନୁଯାୟୀ, ଛାତ୍ରୀ ଜଣକ ମଞ୍ଚେଶ୍ୱର ରେଲୱେ କଲୋନୀରେ ପରିବାର ସହ ରହୁଥିବାବେଳେ କେନ୍ଦ୍ରୀୟ ବିଦ୍ୟାଳୟ-୩ରେ ଯୁକ୍ତ୨ରେ ପଢୁଛନ୍ତି। ତାଙ୍କୁ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀ ବିନା କାରଣରେ ଗାଳିଗୁଲଜ କରନ୍ତି। ସହପାଠୀଙ୍କ ସହ କଥା ହେଲେ ପାଟି କରିବା ସହ ମାଡ଼ ମାରନ୍ତି। ଶୁକ୍ରବାର ଶିକ୍ଷୟିତ୍ରୀ ଜଣକ ସାମାନ୍ୟ କଥାକୁ ନେଇ ତାଙ୍କୁ ମାଡ଼ ମାରିଥିଲେ। ଫଳରେ ଛାତ୍ରୀ ଜଣକ ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ବିଦ୍ୟାଳୟର ୩ତାଲା ଛାତକୁ ଯାଇ ଡେଇଁ ପଡିଥିଲେ। ଅନ୍ୟ ଛାତ୍ରୀମାନେ ଦୌଡ଼ି ଆସି ତାଙ୍କୁ ଉଦ୍ଧାର କରିବା ସହ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ବିଦ୍ୟାଳୟ କର୍ମଚାରୀମାନେ ଛାତ୍ରୀଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ମଞ୍ଚେଶ୍ୱର ଥାନା ଅଧିକାରୀ ଜିତେନ୍ଦ୍ରନାଥ ସେଠୀ କହିଛନ୍ତି ଯେ, ଘଟଣା ସମ୍ପର୍କରେ ରାତି ପ୍ରାୟ ସାଢ଼େ ୧୦ଟାରେ ଅଭିଯୋଗ ମିଳିଛି। ଶନିବାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



ରଞ୍ଜୁ



ପୂଜା



ବିଜୟ



ବେଣୁଧର



ଶଙ୍କର



ଶିବଦତ୍ତ



କୁନା



ପ୍ରତାପ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

# କଲ୍ୟାଣ ଯୋଜନାରେ ୨୯ଲକ୍ଷ ନିର୍ମାଣ ଶ୍ରମିକ ସାମିଲ

ଭୁବନେଶ୍ୱର, ୬।୧୨(ବ୍ୟୁରୋ)

ଶ୍ରମିକଙ୍କ ସାମାଜିକ ସୁରକ୍ଷାକୁ ସୁଦୃଢ଼ ଓ ସୁସଂଗଠିତ କରିବା ପାଇଁ ରାଜ୍ୟରେ ଶ୍ରମ ଆଇନ୍ କାର୍ଯ୍ୟକାରୀ ହେବାସହ ୩ ଶ୍ରମିକ କଲ୍ୟାଣ ବୋର୍ଡ ଗଠନ କରାଯାଇଛି। ରାଜ୍ୟ ସରକାର 'ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା'ରେ ୨୯ ଲକ୍ଷ ହିତାଧିକାରୀଙ୍କୁ ପଞ୍ଜୀକୃତ କରିଥିବାବେଳେ ୧୭ କଲ୍ୟାଣକାରୀ ଯୋଜନା ମାଧ୍ୟମରେ ୧୪୭୦ କୋଟି ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି। 'ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନଧନ ଯୋଜନା'ରେ ୧୪୪୨୬୫ ଜଣ ଏବଂ ଜାତୀୟ ପେନ୍‌ସନ୍ ଯୋଜନାରେ ୧୫୫ ହିତାଧିକାରୀଙ୍କୁ ସାମିଲ କରାଯାଇଛି। ପେନ୍‌ସନ୍ ସପ୍ତାହ ଉପଲକ୍ଷେ ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ ତରଫରୁ ସୂଚନା ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ସଚେତନତା ଶିବିରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ ଏହା କହିଛନ୍ତି। ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧକ୍ଷ ସୁବାସ ସିଂ ଅଧକ୍ଷତା କରିଥିବାବେଳେ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର-ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇଥିଲେ। ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ, ବିଭାଗୀୟ ଅତିରିକ୍ତ ଶାସନ ସଚିବ ସୁଧାକର ବୁର୍ଗୀ, ସ୍ୱତନ୍ତ୍ର ଶାସନ ସଚିବ ଉମାକାନ୍ତ ତ୍ରିପାଠୀ, ଶରତ ଚନ୍ଦ୍ର ମିଶ୍ର, ଇଏସ୍ଆଇ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ରାଉତ, ଉପଶାସନ ସଚିବ ଜ୍ୟୋତିର୍ମୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରମ ଆୟୁକ୍ତ ନିରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।



"ମାଟିରୁ ଫସଲ ଆମଦାନୀ ପାଇଁ ଯେପରି ଉତ୍ତମ ଚାଷ ଦରକାର, ସେହିପରି ମନର ଚାଷ ପାଇଁ ଉତ୍ତମ ପୁସ୍ତକ ଅଧ୍ୟୟନ ଆବଶ୍ୟକ।
-ସେନେକା



## ସଂକ୍ଷେପରେ

### ଆମ୍ବେଡକରଙ୍କ ମହାପରିନିର୍ବାଣ ଦିବସ

**ନରସିଂହପୁର,୬।୧୨(ସ୍ୱ.ପ୍ର.):** ବାବାସାହେବ ଡ. ଭୀମ ରାଓ ଆମ୍ବେଡକରଙ୍କ ମହାପରିନିର୍ବାଣ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ସ୍ଥାନୀୟ ମୁକ୍ତି କାର୍ଯ୍ୟାଳୟ ସଭାଗୃହରେ ଡ. ଆମ୍ବେଡକର ସେବା ସଂସ୍ଥା ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ଗୌରବ ଅଧକ୍ଷ ଡ. ଲୋକନାଥ ସ୍ୱାଇଁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିସହିତ ଆମ୍ବେଡକରଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବରିଷ୍ଠ ଆଇନଜୀବୀ ତ୍ରିଲୋଚନ ମହାପାତ୍ରଙ୍କ ସଭାପତିତ୍ୱରେ ଶିକ୍ଷାବିତ ଦେବରାଜ ସ୍ୱାଇଁ, ରବିନାରାୟଣ ବାରିକ, ଆଇନଜୀବୀ ଦେବଦତ୍ତ ମଳୟ କୁମାର ବରାଳ, ସାମାଜିକ କର୍ମୀ ରଘୁନାଥ ସ୍ୱାଇଁ, ଶିବପ୍ରସାଦ ମଲ୍ଲିକ, କୈଳସ ଚନ୍ଦ୍ର ନାୟକ, ଅମିନ ନାୟକ ଓ ପ୍ରତାପ ଚନ୍ଦ୍ର ସିହାଣ ପ୍ରମୁଖ ଯୋଗଦେଇ ଆମ୍ବେଡକରଙ୍କ ନୀତି ଆଦର୍ଶ ସମ୍ପର୍କରେ ବୁଝାଇଥିଲେ। ଏହି ଅବସରରେ ଦୁଇ କୃତୀ ଛାତ୍ରୀଙ୍କୁ ପାଠ୍ୟପୁସ୍ତକ ଉପହାର ପ୍ରଦାନ କରାଯାଇଥିଲା। ସେବା ସଂସ୍ଥାର ଉପସଭାପତି କୈଳସ ନାୟକ ଧନ୍ୟବାଦ ଦେଇଥିଲେ।

### ବସ୍ ଚାଳକ କୋର୍ଟଚାଲାଣ

**ସାଲେପୁର,୬।୧୨(ଡି.ଏନ.ଏ.):** ସାଲେପୁର ପୋଲିସ ଶୁକ୍ରବାର ଜଣେ ବସ୍ ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ନିରଞ୍ଜନ ରାଉତ। ମଲ୍ଲିକ ନାମକ ଏକ ଘରୋଇ ବସ୍‌ର ଚାଳକ ନିରଞ୍ଜନ ବେପରୁଆ ଗାଡ଼ିଚାଳନା କରିବା ସହ ମଦ୍ୟପାନ କରି କଟକ-ଚାନ୍ଦବାଲି ରାସ୍ତାର ନାନ୍ଦୋଳଗଡ଼ା ନିକଟରେ ଜଣେ ବାଇକ୍ ଚାଳକଙ୍କୁ ଗୁରୁବାର ଧକ୍କା ଦେଇଥିଲେ। ଏ ନେଇ ଥାନାରେ ଏକ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ପୋଲିସ ମାମଲା ନଂ-୩୪୧/୧୯ ରୁଜୁ କରିଥିଲା।

### କନ୍ୟାକୁମାରୀ ମନ୍ଦିର ପ୍ରତିଷ୍ଠା ପାଇଁ ପୂଜାର୍ଚ୍ଚନା

**ସାଲେପୁର,୬।୧୨(ଡି.ଏନ.ଏ.)** ଓଡ଼ିଶାରେ ପ୍ରଥମକରି କଟକ ଜିଲା ସାଲେପୁର ବ୍ଲକ ଅନ୍ତର୍ଗତ ଆତୋଡ଼ା ଓ ପାଟପୁର ନିକଟସ୍ଥ ସିଦ୍ଧକାନ୍ତି ଆଶ୍ରମ ପରିସରରେ ଶ୍ରୀଗୁରୁ ଅଚ୍ୟୁତାନନ୍ଦଙ୍କ ନିର୍ଦ୍ଦେଶକ୍ରମେ କନ୍ୟାକୁମାରୀ ମନ୍ଦିର ନିର୍ମାଣ କରାଯାଇଛି। ଏହି ମନ୍ଦିରର ପ୍ରତିଷ୍ଠା ଉତ୍ସବ ନିମନ୍ତେ ଶୁକ୍ରବାର ସନ୍ଧ୍ୟାରେ ନଦୀସ୍ନାନ ପୂଜାର୍ଚ୍ଚନା କରାଯାଇଛି। ନଦୀରେ ପଣ୍ଡିତଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ଆତୋଡ଼ା, ପାଟପୁର, ବାରବୋଡ଼ିଆ, କାଠାହାର, ଜଳହରି, ମଧକଚ୍ଛ, ତେନ୍ତୋଳ ସମେତ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇ ନାମ ସଙ୍କୀର୍ତ୍ତନ କରିଥିଲେ। ଶନିବାର ମନ୍ଦିରରେ ଅଙ୍କୁରାରୋପଣ କରାଯିବ। ୭ଦିନ ବ୍ୟାପୀ ଆୟୋଜିତ ହେବାକୁ ଥିବା ପ୍ରତିଷ୍ଠା ଉତ୍ସବରେ ରାଜ୍ୟର କୋଣ ଅନୁକୋଣରୁ ବହୁ ସାଧୁସନ୍ଥ ଯୋଗଦେବେ। ମନ୍ଦିରଟି ଦକ୍ଷିଣ ଭାରତର କନ୍ୟାକୁମାରୀ ପରି ଏହା ପାଇକା, ଚିତ୍ରୋତ୍ପଳା, ମହାନଦୀର ତ୍ରିକୋଣଭୂମିରେ ଅବସ୍ଥିତ। କୁହାଯାଉଛି ଏହି ସ୍ଥାନରେ କନ୍ୟାକୁମାରୀ ମନ୍ଦିର ନିର୍ମାଣ ନିମନ୍ତେ ଜଣେ ମା'ଙ୍କୁ ସ୍ୱାପ୍ନାଗତ ହୋଇଥିଲା।

# ରାସ୍ତା କାମକୁ ବିରୋଧ, ୪ ମହିଳା ଗିରଫ

**ନିଶ୍ଚିନ୍ତକୋଇଲି,୬।୧୨(ସ୍ୱ.ପ୍ର.)**



ରାସ୍ତା କାର୍ଯ୍ୟକୁ ମହିଳାମାନେ ବିରୋଧ କରୁଛନ୍ତି।

- **ଦୀର୍ଘଦିନ ହେଲା ରାସ୍ତା ମରାମତି ହେଉ ନ ଥିଲା**
- **୧୧ ପରିବାର ଅସୁବିଧା ଭୋଗୁଥିଲେ**
- **ତହସିଲଦାରଙ୍କ ଉପସ୍ଥିତିରେ ହେଲା ନିର୍ମାଣ**

ନିଶ୍ଚିନ୍ତକୋଇଲି ବ୍ଲକ ନତକାଇ ପଞ୍ଚାୟତର ଷଡ଼ଙ୍ଗୀ ସାହି ରାସ୍ତା ନିର୍ମାଣ କାର୍ଯ୍ୟକୁ ବିରୋଧ କରିବା ଓ ତହସିଲଦାରଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ଅଭିଯୋଗରେ ୪ଜଣ ମହିଳାଙ୍କୁ ପୋଲିସ ଗିରଫ କରିଥିଲା। ପରେ ସେମାନଙ୍କୁ ନୋଟିସ ଦେଇ ଛାଡ଼ି ଦେଇଥିବା ଜଣାଯାଇଛି। ଏନେଇ ଏକ ମାମଲା ରୁଜୁ ହୋଇଛି।

ସୂଚନା ମୁତାବକ, ନତକାଇ ପଞ୍ଚାୟତ ରାଧାକାନ୍ତ ଠାକୁରଙ୍କ ନାମରେ ଥିବା ଏକ ରାସ୍ତା ଦୀର୍ଘ ଦିନ ହେବ ଅବହେଳିତ ଅବସ୍ଥାରେ ପଡିରହିଥିଲା। ଠାକୁରଙ୍କ ମାରଫତଦାରମାନେ ଏହି ରାସ୍ତାକୁ ମରାମତି କରାଇ ଦେଉ ନ ଥିଲେ। ଫଳରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ୧୧ ପରିବାରଙ୍କ ଗମନା ଗମନରେ ବାଧା ଉପୁଜୁଥିଲା। ଏନେଇ ସମ୍ପୃକ୍ତ ପରିବାର ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଠାକୁରଙ୍କ ପରିଚାଳନା ପାଇଁ ଦେବତ୍ତୋର ବିଭାଗ ଇଂଟ୍ରିମ ଟ୍ରଷ୍ଟବୋର୍ଡ ଗଠନ କରିଛନ୍ତି। ଏହି ଟ୍ରଷ୍ଟବୋର୍ଡରେ ତହସିଲଦାର ମ୍ୟାନେଜିଂ ଟ୍ରଷ୍ଟିଥିବାବେଳେ ଟ୍ରଷ୍ଟିଭାବେ ଆଇଆଇସି, ବିଡିଓଙ୍କ ସମେତ ଅନ୍ୟ ୨ଜଣ ବ୍ୟକ୍ତି ଅଛନ୍ତି। ଏହି ପରିବାର ତହସିଲଦାରଙ୍କୁ ଭେଟି ନିଜସ୍ୱ ଖର୍ଚ୍ଚରେ ରାସ୍ତା ନିର୍ମାଣ ପାଇଁ ନିବେଦନ କରିଥିଲେ। କିନ୍ତୁ ରାସ୍ତା କାର୍ଯ୍ୟକୁ ଜୈନିକ ମାରଫତଦାର ବିରୋଧ କରିଥିଲେ। ଉଭୟ ମାରଫତଦାରଙ୍କ ମଧ୍ୟରେ ସମନ୍ୱୟ ପାଇଁ ପକ୍ଷମାନଙ୍କୁ ସରପଞ୍ଚଙ୍କ ଜରିଆରେ ତହସିଲଦାର ସମାଧାନ ପାଇଁ ତହସିଲକୁ ଡାକିଥିଲେ। ମାତ୍ର ଗୋଟିଏ ପକ୍ଷ ସହଯୋଗ କରି ନ ଥିଲେ। ତେବେ ରାସ୍ତା କାର୍ଯ୍ୟ ତରାନ୍ୱିତ ପାଇଁ ଏହି ପରିବାର ତହସିଲ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେବାରୁ ତହସିଲଦାର ଉକ୍ତ ରାସ୍ତା ନିର୍ମାଣ ପାଇଁ ସହମତି ଦେଇଥିଲେ। ଶୁକ୍ରବାର ତହସିଲଦାର ଜିତେନ୍ଦ୍ର ପାତ୍ର, ନିଶ୍ଚିନ୍ତକୋଇଲି ଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ପରିଡା ଫୋର୍ସ ସହ ପହଞ୍ଚିଥିଲେ। ରାସ୍ତାକାମ ଆରମ୍ଭ କରିବା ମାତ୍ରେ ୪ ଜଣ ମହିଳା ଏହାକୁ ବିରୋଧ କରିଥିଲେ। ଏପରିକି କାମ ନ କରାଇଦେବା ପାଇଁ ଜିଦ ଧରିଥିଲେ। ଖବର ପାଇ ସାଲେପୁର ଏସଡିପିଓ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ। ତେବେ ସମ୍ପୃକ୍ତ ମହିଳାମାନେ ତହସିଲଦାରଙ୍କୁ ଦୁର୍ବ୍ୟବହାର କରିବାରୁ ଏସଡିପିଓ ୪ଜଣ ମହିଳାଙ୍କୁ ଗିରଫ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତହସିଲଦାରଙ୍କ ଅଭିଯୋଗ କ୍ରମେ ଥାନା କେଶ ନଂ ୧୩୯/୧୯ରେ ମାମଲା ରୁଜୁ କରାଯାଇଛି।

## ୩୦ ବର୍ଷ ପରେ ଘରକୁ ଫେରିଲେ ଅର୍ଜୁନ



ମା'ଙ୍କ ସହ ଅର୍ଜୁନ।

**ତିଗିରିଆ,୬।୧୨ (ଡି.ଏନ.ଏ.)**

ତିଗିରିଆ ଥାନା ଅନ୍ତର୍ଗତ ନୂଆପାଟଣା ହରିବଲ୍ଲଭ ସାହିର ଅର୍ଜୁନ କୁଣ୍ଡୁ ରହସ୍ୟଜନକ ଭାବେ ନିଖୋଜ ହେବାର ୩୦ବର୍ଷ ପରେ ଗୁରୁବାର ଗାଁକୁ ଫେରିଛନ୍ତି। ସୂଚନା ଅନୁଯାୟୀ ୧୯୮୯ ମସିହା ଡିସେମ୍ବର ମାସରେ ୧୫ବର୍ଷୀୟ ଅର୍ଜୁନ ଏକ ଆଶ୍ରମର ଜଣେ ବାବାଙ୍କ ପାଖରୁ କିଛି ଟଙ୍କା ଚୋରି କରିଥିଲେ। ଲୋକ ଲଜ୍ଜା ଯୋଗୁ ସେଦିନଠାରୁ ସେ କୁଆଡେ ଚାଲିଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ ସନ୍ଧାନ ପାଇ ନ ଥିଲେ। ତାଙ୍କ କହିବା କଥା ସେ କଟକ, ଭୁବନେଶ୍ୱର, ପୁରୀ, କୋଲକାତା, ଦିଲ୍ଲୀ, ଝାନ୍‌ସୀ ଆଦି ଅଞ୍ଚଳରେ ବୁଲି ସମୟ କଟାଇଥିଲେ। ସୋମବାର ସକାଳେ ସେ ହରିଦ୍ୱାର ପୁରୀ କଳିଙ୍ଗ ଉତ୍କଳ ମେଲ୍ ଟ୍ରେନରେ ଝାନ୍‌ସୀରୁ ଆସି କଟକ ରେଳଷ୍ଟେଶନରେ ଓହ୍ଲାଇଥିଲେ। ପାଖରେ ପଇସା ନ ଥିବାରୁ ଚାଲି ଚାଲି ବୁଧବାର ସନ୍ଧ୍ୟାରେ ନୂଆପାଟଣାରେ ପହଞ୍ଚି ବସ୍‌ଷ୍ଟାଣ୍ଡରେ ରାତ୍ରୀ ଯାପନ କରିଥିଲେ। ଗୁରୁବାର ଶ୍ରମିକଙ୍କ ସହିତ କାମ କରିବାକୁ ଯାଇ ସନ୍ଧ୍ୟାରେ ନିଜ ଘର ଖୋଜିଖୋଜି ପାଇଥିଲେ। ପରିବାର ଲୋକେ ପ୍ରଥମେ ତାଙ୍କୁ ଚିହ୍ନିପାରି ନ ଥିଲେ। କଥାବାର୍ତ୍ତା ପରେ ସେ ଅର୍ଜୁନ ବୋଲି ଜାଣି ବିଧବା ମା' ଗଣ୍ଡେଇ କୁଣ୍ଡୁ (୭୮) ଖୁସିରେ କୁଣ୍ଢାଇ ପକାଇଥିଲେ। ତାଙ୍କୁ ବର୍ତ୍ତମାନ ୪୬ ବର୍ଷ। ଅର୍ଜୁନ କହନ୍ତି, ବିଭିନ୍ନ ସ୍ଥାନରେ ହୋଟେଲ ଓ ଜଳଖିଆ ଦୋକାନରେ କାମ କରି ସମୟ ବିତାଇଥିଲି। ମାତ୍ର କିଛି ଟଙ୍କା ପାଇଁ ୩୦ ବର୍ଷ ଧରି ମୁଁ ଦଣ୍ଡ ପାଇଛି, କାଳେ ଘରକୁ ଆସିଲେ ପୋଲିସ ଗିରଫ କରିବ ସେଥିଯୋଗୁ ଘରକୁ ଆସି ନ ଥିଲି ବୋଲି କହିଛନ୍ତି। ତାଙ୍କ ସାଙ୍ଗ ତଥା ନୂଆପାଟଣା ପଞ୍ଚାୟତର ୱାର୍ଡସଭ୍ୟ ଅନ୍ତର୍ଯ୍ୟାମୀ ଦାସ କୁହନ୍ତି, ସେ ଏଠାରେ ନ ଥିବାରୁ ତାଙ୍କର ଭୋଟର ପରିଚୟପତ୍ର, ଆଧାରକାର୍ଡ ନାହିଁ । ତାଙ୍କୁ ସମସ୍ତ ସହାୟତା ପଞ୍ଚାୟତ ଓ ସରକାରଙ୍କ ତରଫରୁ ଯୋଗାଇଦେବା ପାଇଁ ଚେଷ୍ଟା କରାଯିବ।

# ଫେରିଲେ ରୁଦ୍ରନାରାୟଣ ସିଂହ



ରୁଦ୍ରନାରାୟଣ ଓ ତାଙ୍କ ସମର୍ଥକ ବିଜେଡିରେ ଯୋଗଦେଇଛନ୍ତି।

**ଲଳିତଗିରି ବିଜେଡିର ମିଶ୍ରଣ ପର୍ବ**

**ମାହାଙ୍ଗା/ଲଳିତଗିରି,୬।୧୨(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଲଳିତଗିରି ପଞ୍ଚାୟତ ବିଜେଡି ପକ୍ଷରୁ ଜେରକନ୍ଦସ୍ଥିତ ତାରିଣୀ ମଣ୍ଡପ ପରିସରରେ ଏକ ବନ୍ଧୁମିଳନ ଓ ମିଶ୍ରଣ ପର୍ବ ସରପଞ୍ଚ ସୁଜାତା ସିଂହଙ୍କ ଅଧକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ଏହି ପଞ୍ଚାୟତକୁ ଆଗାମୀ ଦିନରେ ଅଞ୍ଚଳରେ ଅଗ୍ରଣୀ ପଞ୍ଚାୟତଭାବେ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଥିଲେ। ଏଥିସହିତ ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଉତ୍ସବରେ ବିଗତ ଦିନରେ ବିଜେଡି ଛାଡି ଭାଜପାରେ ଯୋଗଦେଇ ଥିବା ପୂର୍ବତନ ସମିତିସଭ୍ୟ, ପ୍ରାକ୍ତନ କଟକ ଜିଲା ବିଜେଡି ସାଧାରଣ ସମ୍ପାଦକ ତଥା ଲଳିତଗିରି ସରପଞ୍ଚଙ୍କ ସ୍ୱାମୀ ରୁଦ୍ରନାରାୟଣ ସିଂହ ଓ ତାଙ୍କ ସମର୍ଥକ ବିଜେଡିରେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଅଧକ୍ଷ ଶରତ ନାୟକ, ଉପାଧ୍ୟକ୍ଷା ରଶିଦା ବେଗମ, ପ୍ରାକ୍ତନ ବ୍ଲକ ଅଧକ୍ଷ ଭିକାରୀ ଚରଣ ସ୍ୱାଇଁ, ଯୁବ ବିଜେଡି ସଭାପତି ଶରତ ମହାପାତ୍ର, ସମିତିସଭ୍ୟା ମମତା ମୁଣ୍ଡା, ଜିଲା ପରିଷଦ ସଭ୍ୟ ହୃଷୀକେଶ ସ୍ୱାଇଁ, ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ଡ. ଜୟରାମ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। ଭାରତର ଏକ ନମ୍ବର ମନ୍ତ୍ରୀଭାବେ ଜେନା ପୁରସ୍କୃତ ହୋଇଥିବାରୁ ତାଙ୍କୁ ଲଳିତଗିରି ପଞ୍ଚାୟତ ପକ୍ଷରୁ ଯୁବନେତା ପ୍ରଦୀପ୍ତ ବିଶ୍ୱାଳ ଭଗବାନ ବୁଦ୍ଧଙ୍କ ପ୍ରସ୍ତର ପ୍ରତିମୂର୍ତ୍ତି ଓ ଉପଢୌକନ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଲଳିତଗିରି ପଞ୍ଚାୟତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା ଉପସ୍ଥିତ ରହି ମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ତପନ ସିଂହ, ନିତ୍ୟାନନ୍ଦ ନାୟକ, ପ୍ରଦୀପ୍ତ ସିଂହ, ରଞ୍ଜନ ସ୍ୱାଇଁ, ସଂଗ୍ରାମ ମୁଦୁଲି, ଅମୂଲ୍ୟ ଦାସ, ଦିଲୀପ ବେହେରା, ସୁବାସ ସାମଲଙ୍କ ସମେତ ବହୁ ସରପଞ୍ଚ, ସମିତିସଭ୍ୟାସଭ୍ୟ ଓ କର୍ମୀ ଉପସ୍ଥିତ ଥିଲେ। ଅକ୍ଷୟ ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଲଳିତଗିରି ପଞ୍ଚାୟତ ବିଜେଡି ସଭାପତି ବଳରାମ ବେହେରା ଧନ୍ୟବାଦ ଦେଇଥିଲେ।

## ତ୍ରିଶୂଳିଆ ଛକରୁ ବାଉଁଜୋରି ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ

**ନରାଜ,୬।୧୨**

ବାରଙ୍ଗ ତହସିଲ ଅଧୀନ ତ୍ରିଶୂଳିଆ ଛକଠାରୁ ସୁଭାଷ ଚନ୍ଦ୍ର ବୋଷ ସେତୁ ରାସ୍ତାର ବାଉଁଜୋରି ପୋଲ ପର୍ଯ୍ୟନ୍ତ ଦକ୍ଷିଣ ପାର୍ଶ୍ୱ ରାସ୍ତାକୁ ଶୁକ୍ରବାର ଜବରଦଖଲମୁକ୍ତ କରାଯାଇଛି। ୨୦୧୮ ଏପ୍ରିଲରେ ବାଙ୍କୀ ବିଧାୟକ ପ୍ରଭାତ ତ୍ରିପାଠୀ ଓ ଏମ୍‌ପି ଭର୍ତ୍ତୃହରି ମହତାବ ଅଞ୍ଚଳର ସୁବିଧା ପାଇଁ ଏକ କଲ୍ୟାଣ ମଣ୍ଡପ ଏବଂ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଭୂମିପୂଜନ କରିଥିଲେ। ରାମଲିଳା ମଣ୍ଡପ ପାଖରେ ପୋଲିସ ଫାଣ୍ଡି ପାଇଁ ଏକ ସ୍ଥାନ ସ୍ଥିରିକୃତ ହୋଇଥିଲା। ଉକ୍ତ ସ୍ଥାନରେ ନିର୍ମାଣ କାର୍ଯ୍ୟ ବିଳମ୍ବ ହେବାରୁ ଅଞ୍ଚଳର କିଛି ଲୋକ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଦୋକାନ କରିଥିଲେ। ଉପରୋକ୍ତ ସ୍ଥାନରେ ଖୁବଶୀଘ୍ର ନିର୍ମାଣ କାର୍ଯ୍ୟ ହେବାକୁଥିବାରୁ ନୋଟିସ ଦିଆଯାଇଥିଲା। ମାତ୍ର ଦୋକାନୀ ସ୍ଥାନ ଛାଡ଼ି ନ ଥିଲେ। ତହସିଲଦାର ରମେଶଚନ୍ଦ୍ର ଜେନା, ବାରଙ୍ଗ ଆଇଆଇସି ଶଶିକାନ୍ତ ରାଉତ ଓ ପୋଲିସ ଫୋର୍ସଙ୍କ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ କରାଯାଇଥିଲା।

## ବାଙ୍କୀ କୋର୍ଟରେ ଭିଡିଓ କନଫରେନ୍ସିଂ ବ୍ୟବସ୍ଥାର ଶୁଭାରମ୍ଭ

**ବାଙ୍କୀ, ୬।୧୨ (ସ୍ୱ.ପ୍ର.)**

ବାଙ୍କୀ କୋର୍ଟ ଓ ଉପକାରାଗାରରେ ଶୁକ୍ରବାର ଭିଡିଓ କନଫରେନ୍ସିଂ ବ୍ୟବସ୍ଥାର ଶୁଭାରମ୍ଭ ହୋଇଛି। ଏହାକୁ କଟକ ଜିଲା ଜଜ୍ ରାଜ କିଶୋର ସାହୁ ଉଦ୍‌ଘାଟନ କରି କହିଲେ, ବିଚାରାଧୀନ ଆସାମୀମାନଙ୍କୁ ବିଚାର ପାଇଁ ଆଉ କୋର୍ଟକୁ ଆସିବାକୁ ପଡିବ ନାହିଁ। କୋର୍ଟକୁ ନେବାଆଣିବା ସମୟରେ ସେମାନଙ୍କ ନିରାପତ୍ତା ପାଇଁ ଏଭଳି ବ୍ୟବସ୍ଥା କରାଯାଇଛି। ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଡ. ମମତା ମହାନ୍ତି ପ୍ରଥମେ ଭିଡିଓ କନଫରେନ୍ସିଂ ମାଧମରେ ବାଙ୍କୀ ଉପକାରାଗାରରେ ଥିବା ଜଣେ ଆସାମୀ ସହିତ ମକଦ୍ଦମା ସମ୍ପର୍କରେ ଆଲୋଚନା କରିଥିଲେ। ଲିଗାଲ୍ ଏଡ୍‌ର ଫ୍ରଣ୍ଟ ଅଫିସକୁ କଟକ ଜିଲା ଜଜ୍ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଙ୍କୀ ଉପଖଣ୍ଡ ପୋଲିସ ଅଧିକାରୀ ପ୍ରସନ୍ନ କୁମାର ବିଶ୍ୱାଳ, ବାଙ୍କୀ ଟେଲିଫୋନ ଅଫିସର ଜେଟିଓ ସମୀର କୁମାର ଦଳେଇ, ଟେକ୍ନିକାଲ୍ ଆସିଷ୍ଟାଣ୍ଟ କିଶୋର କୁମାର ରଣା, ବାଙ୍କୀ ଓକିଲ ସଂଘ ସଭାପତି ଗୌରୀ ଶଙ୍କର ନନ୍ଦ, ସମ୍ପାଦକ ବିଶ୍ୱରଞ୍ଜନ ପଣ୍ଡା, ଆଡ୍‌ଭୋକେଟ୍ ବ୍ରଜ କିଶୋର ମହାପାତ୍ର, ଧର୍ମପ୍ରସାଦ ମଙ୍ଗରାଜ, ଗଗନ ବିହାରୀ ପଣ୍ଡା, ନଗେନ କୁମାର ମହାପାତ୍ର, ସରକାରୀ ଓକିଲ ସନ୍ତୋଷ କୁମାର ମିଶ୍ର, ଲକ୍ଷ୍ମୀରେଖା କର ଓ ରାଜ କିଶୋର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।



ଭିଡିଓ କନ୍‌ଫରେନ୍ସିଂ ସେବାର ଶୁଭାରମ୍ଭ କରାଯାଉଛି।

# ଉନ୍ନୟନ କାର୍ଯ୍ୟର ତଦାରଖ

**ବିଦ୍ୟାଳୟ, ଗଣଶିକ୍ଷା ସଚିବଙ୍କ କଟକ ଜିଲା ଗସ୍ତ**

**କଟକ ଅଫିସ, ୬।୧୨**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଚିତ୍ରା ଅରୁମଗମ ତିନିଦିନିଆ କଟକ ଜିଲା ଗସ୍ତରେ ଆସିଥିଲେ। ଏହି ଗସ୍ତରେ ସେ ଆଠଗଡ, ବଡମ୍ବା, ନରସିଂହପୁର, ବାଙ୍କୀ, ଡମପଡା ଆଦି ଅଞ୍ଚଳ ପରିଦର୍ଶନ କରିଥିଲେ। ଗସ୍ତ ଶେଷ ପରେ ଶୁକ୍ରବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାର ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ବୈଠକ କରିଥିଲେ। ଜିଲାରେ ଚାଲିଥିବା ସମସ୍ତ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ ହେବା ସହ ଖାଉଟି ସାମଗ୍ରୀ ବିତରଣ ତଥା ରାଶନକାର୍ଡଧାରୀଙ୍କ ସମ୍ପର୍କରେ ପଚାରି ବୁଝିଥିଲେ। ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ଉପକୃତ ହେଉଥିବା ହିତାଧିକାରୀଙ୍କ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀଙ୍କଠୁ ବୁଝିଥିଲେ। ବିଦ୍ୟାଳୟରେ ଚାଲିଥିବା ମଧ୍ୟାହ୍ନଭୋଜନ, ବିପଦସଙ୍କୁଳ ଅବସ୍ଥାରେ ଥିବା ବିଦ୍ୟାଳୟ ଗୃହ, ପାନୀୟଜଳର ବ୍ୟବସ୍ଥା ସମ୍ବନ୍ଧରେ ପଚାରି ବୁଝିବା ସହ କାଉନସେଲିଂ ସେଣ୍ଟର ବୁଲି ଦେଖିଥିଲେ। ସେହିପରି ସଚିବ ନିରାମୟ ଔଷଧ ଯୋଗାଣ ଉପରେ ପ୍ରାଧାନ୍ୟ ଦେବା ସହ ଅଙ୍ଗନୱାଡି କେନ୍ଦ୍ରରେ ସରକାରଙ୍କ ଦ୍ୱାରା ରନ୍ଧନ ଗ୍ୟାସ ଯୋଗାଣ ସମ୍ବନ୍ଧରେ ବୈଠକରେ କହିଥିଲେ। ଏତଦ୍‌ବ୍ୟତୀତ ଉପକୃତ ହେଉଥିବା ମଧୁବାବୁ ପେନ୍‌ସନ ଯୋଜନା ଏବଂ ମମତା ଯୋଜନାରେ ହିତାଧିକାରୀଙ୍କ ସମେତ ଗର୍ଭବତୀଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା ସମ୍ବନ୍ଧରେ ସମୀକ୍ଷା କରିବା ସହିତ ଆଦିବାସୀ ଛାତ୍ରାବାସ ଅନ୍ତେବାସୀଙ୍କୁ ଯୋଗାଯାଉଥିବା ସୁବିଧା ସମ୍ବନ୍ଧରେ ଅବଗତ ହୋଇଥିଲେ। ବୈଠକରେ ଶାସନ ସଚିବ ଜାଇକା କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଜାଣିବା ସହ କାର୍ଯ୍ୟ ତଦାରଖ ନିମନ୍ତେ ବିଭିନ୍ନ ସ୍ଥାନ ପରିଦର୍ଶନ ଥିଲେ। ଏହି ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଯୁଗ୍ମ ସଚିବ ରଘୁରାମ ଆୟର, ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଜାଇକାର ମୁଖ୍ୟଯନ୍ତ୍ରୀ ବସନ୍ତ ସେନାପତି, ପ୍ରକଳ୍ପ ନିର୍ଦ୍ଦେଶକ ବସନ୍ତ ପରିଡା, ପ୍ରକଳ୍ପ ଯନ୍ତ୍ରୀ ବିକ୍ରମ କେଶରୀ ମିଶ୍ରଙ୍କ ସମେତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଅଭିଯୁକ୍ତ ଗିରଫ ନ ହେଲେ ଆନ୍ଦୋଳନ

**ମାହାଙ୍ଗା ଗୁଳିକାଣ୍ଡ**

**ମାହାଙ୍ଗା,୬।୧୨(ସ୍ୱ.ପ୍ର.)**

ମାହାଙ୍ଗା ଥାନା ଅଧୀନ ବାଲିଆଚକା ରାସ୍ତାରେ ଝାଡେଶ୍ୱରପୁର ଗ୍ରାମର ଜ୍ୟୋତିସମ୍ରାଟ ପ୍ରହରାଜଙ୍କ ଉପରକୁ ଗୁଳିମାଡ଼ ହୋଇଥିଲା। ସେ ଗତ ମାସ ୨୮ରେ ସ୍କୁଟି ଚଳାଇ ଯାଉଥିବାବେଳେ ତାଙ୍କ ଉପରକୁ ଦୁର୍ବୃତ୍ତ ଗୁଳି ମାଡ କରି ଫେରାର ହୋଇ ଯାଇଥିଲେ। ସେ ମାହାଙ୍ଗା ଥାନାରେ କେନ୍ଦ୍ରାପଡା ଅଞ୍ଚଳର ସକିଲ, ବିକାଶ ଏବଂ ସ୍ଥାନୀୟ ଅଞ୍ଚଳର ସେକ ଜବାର ଖାନ, ସେକ ସଇଦ ଖାନଙ୍କ ନାମରେ ଅଭିଯୋଗ କରିଥିଲେ। ହେଲେ ଘଟଣାକୁ ୯ ଦିନ ବିତି ଯାଇଥିଲେ ମଧ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ପାରିନାହିଁ। ଯାହାକୁ ନେଇ ଜ୍ୟୋତିସମ୍ରାଟ ଓ ତାଙ୍କ ପରିବାର ଭୟଭୀତ ଅବସ୍ଥାରେ ରହିଥିବା ଜ୍ୟୋତିସମ୍ରାଟଙ୍କ ମା' ଭାଗ୍ୟଲତା ଗଣମାମରେ ଅଭିଯୋଗ କରିଛନ୍ତି। ତେଣୁ ଶୀଘ୍ର ପୋଲିସ ଅଭିଯୁକ୍ତଙ୍କୁ ଗିରଫ ନ କଲେ ପରିବାର ଥାନା ଆଗରେ ଧାରଣା ଦେବେ ବୋଲି ଜ୍ୟୋତିସମ୍ରାଟଙ୍କ ସ୍ତ୍ରୀ ଚେତାବନୀ ଦେଇଛନ୍ତି। ଘଟଣାଦିନ ଜ୍ୟୋତିସମ୍ରାଟ ଓରଫ୍ ବାପି ତାଙ୍କ ସାଥିଙ୍କ ସହ ସକାଳ ୬ଟାରେ ଭଦ୍ରେଶ୍ୱର ବଜାରରୁ ଚା' ପିଇ ସାଲେପୁର ଯାଉଥିଲେ। ଏହି ସମୟରେ ଏକ ନୀଳ ରଙ୍ଗର ଆପାଚିରେ ୩ ଦୁର୍ବୃତ୍ତ ଆସି ତାଙ୍କ ଗାଡି ଉପରକୁ ଗୁଳି ଚଳାଇଥିଲେ। ସେ ନଇଁ ପଡିବାରୁ ଗୁଳି ଗାଡିରେ ବାଜିଥିଲା। ଖବର ପାଇ ମାହାଙ୍ଗା ଥାନା ଆଇଆଇସି ରଞ୍ଜନ ପ୍ରଧାନ, ଭଦ୍ରେଶ୍ୱର ଫାଣ୍ଡି ଅଧିକାରୀ ତପନ ନାୟକ ଓ ସାଲେପୁର ଏସଡିପିଓ ନିମାଇଁ ଚରଣ ସେଠୀଙ୍କ ସହ ସାଇଣ୍ଟିଫିକ୍ ଟିମ ପହଞ୍ଚି ତଦନ୍ତ କରିବା ସହ ଏକ ଖୋକା ଜବତ କରିଥିଲେ। ବାପିଙ୍କୁ ୨୦୧୬ ଫେବୃୟାରୀରେ ଦୁର୍ବୃତ୍ତ ଗୁଳିମାଡ଼ କରିଥିଲେ। ଏନେଇ ଥାନାରେ ମାମଲା ଚାଲିଥିବାବେଳେ ପୋଲିସ ଅଭିଯୁକ୍ତଙ୍କୁ ଚାପରେ ଗିରଫ କରୁନାହିଁ ବୋଲି ତାଙ୍କ ସ୍ତ୍ରୀ ଅଭିଯୋଗ ଆଣିଛନ୍ତି। ଏ ସମ୍ପର୍କରେ ମାହାଙ୍ଗା ଆଇଆଇସିଙ୍କୁ ପଚାରିବାରେ ସାଇଣ୍ଟିଫିକ ଟିମ ଦ୍ୱାରା ତଦନ୍ତ କରାଯାଇଛି। ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

# କୁଲୁ ଚା'ଟାଳିରେ ତେଲଙ୍ଗାନା ତାତି

**କଟକ ଅଫିସ, ୬।୧୨**





ଖଟି ପରମ୍ପରା କଟକରେ ବହୁ ପୁରୁଣା। ଦିନେ ଖଟିକୁ ନ ଆସିଲେ କଟକିଆଙ୍କର ଭାତ ହଜମ ହୁଏନି। ସହରର ପ୍ରତ୍ୟେକ ଗଳିକନ୍ଦିରେ ଥିବା ଚା' ଦୋକାନ, ନଦୀବନ୍ଧର କିଛି ନିର୍ଦ୍ଦିଷ୍ଟ ସ୍ଥାନରେ ସକାଳେ ଓ ସଞ୍ଜରେ ଖଟି ଜମେ। ବୟସର କିଛି ତାରତମ୍ୟ ନ ଥାଏ। ବିଭିନ୍ନ ବର୍ଗର ଲୋକମାନେ ଏଠାରେ ଏକତ୍ର ହୋଇ ଅନେକ ବିଷୟରେ ଚର୍ଚ୍ଚା କରନ୍ତି। ପାଲାମଣ୍ଡପଠାରୁ ପାର୍ଲାମେଣ୍ଟ ପର୍ଯ୍ୟନ୍ତ କଥା କଟକର ବିଭିନ୍ନ ଖଟିରେ ଆଲୋଚନା ହୁଏ। ଶୁକ୍ରବାର ସନ୍ଧ୍ୟାରେ 'ଧରିତ୍ରୀ' ଟିମ୍ ପହଞ୍ଚିଥିଲା ବାଦାମବାଡ଼ି ବସ୍‌ଷ୍ଟାଣ୍ଡ ନିକଟ ଝାଞ୍ଜିରୀମଙ୍ଗଳା ଗଡ଼ାରେ ଥିବା କୁଲୁ ଚା' ଖଟିରେ। ଏଠାରେ ସବୁଦିନ ପରି ଆଇନଜୀବୀମାନଙ୍କର ମେଳି ହୋଇଥିଲା। ସେଠାରେ ତେଲଙ୍ଗାନା ଏନ୍‌କାଉଣ୍ଟରକୁ ନେଇ ଖଟି ଜମି ଯାଇଥିଲା।

ଗତ ୨୭ ତାରିଖରେ ତେଲଙ୍ଗାନାରେ ଜଣେ ମହିଳା ଚିକିତ୍ସକଙ୍କୁ ବଳାତ୍କାର ଓ ପରେ ପୋଡି ମାରିଦିଆଯାଇଥିଲା। ଏହି ଘଟଣାରେ ପୋଲିସ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତେବେ ଶୁକ୍ରବାର ସକାଳେ ପୋଲିସ ସେମାନଙ୍କୁ ଏନ୍‌କାଉଣ୍ଟରରେ ହତ୍ୟା କରିଛି। ଏହି ଖବର ଦେଶରେ ବିଜୁଳି ବେଗରେ ବ୍ୟାପି ଯାଇଥିଲା। ପୋଲିସର ଏଭଳି କାର୍ଯ୍ୟକୁ ଦେଶବାସୀ ପ୍ରଶଂସା କରୁଥିବାବେଳେ ଅନେକ ଲୋକ ବିରୋଧ ମଧ କରିଛନ୍ତି। ଏ ନେଇ କୁଲୁ ଚା' ଖଟିରେ ସେମାନଙ୍କ ମଧ୍ୟରେ ବେଶ୍ ସରଗରମ ଆଲୋଚନା ହୋଇଥିଲା।

"ତେଲଙ୍ଗାନା ବଳାତ୍କାର ଓ ହତ୍ୟା ଘଟଣା ଅତ୍ୟନ୍ତ ଲଜ୍ଜାଜନକ ଘଟଣା। ଏଭଳି ବଳାତ୍କାରୀଙ୍କୁ ଦୁନିଆରେ ଯେତେପ୍ରକାର ଦଣ୍ଡ ଅଛି ଦେଲେ ମଧ କମ୍ ପଡିବ। ପୋଲିସର ଏଭଳି କାର୍ଯ୍ୟକୁ ମୁଁ ହୃଦୟରୁ ସ୍ୱାଗତ କରୁଛି। ପୋଲିସ ଏନ୍‌କାଉଣ୍ଟର ନ କରିଥିଲେ ପରବର୍ତ୍ତୀ ମୁହୂର୍ତ୍ତରେ ପୀଡିତାଙ୍କ ପରିବାରବର୍ଗ ଆଇନକାନୁନ ଓ କୋର୍ଟ ଚକରରେ ପେସି ହୋଇଯାଇଥାନ୍ତେ। ସେପଟେ ଅଭିଯୁକ୍ତମାନେ ବେଲ୍‌ରେ ଆସି ପୁଣିଥରେ ବଳାତ୍କାର କରିଥାନ୍ତେ। ଏହି ଏନ୍‌କାଉଣ୍ଟର ଦ୍ୱାରା ଆଗାମୀ ଦିନରେ ବଳାତ୍କାର କରିବାକୁ ଚିନ୍ତା କରୁଥିବା ଲୋକଙ୍କ ମନରେ ଭୟ ସୃଷ୍ଟି ହେବ।
**-ସମୀର କୁମାର ବିଶ୍ୱାଳ, ଆଇନଜୀବୀ ଓ ଶିକ୍ଷାବିତ୍**

"ଲୋକମାନଙ୍କ ଭାବାତ୍ମକ ଦୃଷ୍ଟି କୋଣରୁ ଏହା ଠିକ୍ ଲାଗୁଥିଲେ ମଧ ପୋଲିସର ଏପରି କାର୍ଯ୍ୟ ଗ୍ରହଣୀୟ ନୁହେଁ। ବଳାତ୍କାରୀଙ୍କୁ କଠୋର ଦଣ୍ଡ ଆବଶ୍ୟକ। କିନ୍ତୁ ସେଥିପାଇଁ ଆଇନ୍‌କାନୁନ ଅଛି। ଅଭିଯୁକ୍ତମାନେ ଅଦାଲତରେ ଦୋଷୀ ସାବ୍ୟସ୍ତ ହେବା ପରେ ତାଙ୍କୁ ଫାଶୀ ହୋଇଥାନ୍ତା। କିନ୍ତୁ ପୋଲିସ ଆଇନର ରକ୍ଷାକାରୀ ହୋଇ ନିଜେ ହିଁ ଆଇନ ଭାଙ୍ଗିବା ଠିକ୍ ନୁହେଁ।
**-ଦିବ୍ୟଜ୍ୟୋତି ସାମଲ, ଆଇନଜୀବୀ**

"ତେଲଙ୍ଗାନା ପୋଲିସର ଏପରି ପଦକ୍ଷେପ ସ୍ୱାଗତଯୋଗ୍ୟ। ଏଭଳି ବଳାତ୍କାରୀ ଯୁବକମାନଙ୍କୁ ଏହାହିଁ ପ୍ରକୃତ ଦଣ୍ଡ। ତେଲଙ୍ଗାନା ପୋଲିସ ପରି ଅନ୍ୟରାଜ୍ୟର ପୋଲିସ ମଧ ଏମିତି କରିବା ଉଚିତ୍। ଯାହାଦ୍ୱାରା ନାରୀମାନଙ୍କୁ ଖରାପ ଦୃଷ୍ଟିରେ ଦେଖିବାକୁ ଏଭଳି ଲୋକ ଭୟ କରିବେ।
**-ଭୃ ମହାନ୍ତି, ରାଜାବଗିଚା ବାସିନ୍ଦା।**

**-ରିପୋର୍ଟ- ଓଁକାର ମିଶ୍ର**

## ୧୦ ମାଙ୍କଡ଼ଙ୍କ ଅସ୍ୱାଭାବିକ ମୃତ୍ୟୁ

**କଟକ ସଦର,୬।୧୨(ଡି.ଏନ୍‌.ଏ.):** ୪୨ମୌଜା ଅନ୍ତର୍ଗତ ଦହିଗାଁରେ ଗୁରୁବାର ଓ ଶୁକ୍ରବାର ୧୦ଟି ମାଙ୍କଡ଼ଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ମୃତ୍ୟୁର କାରଣ ଜଣାପଡିନାହିଁ। ଶୁକ୍ରବାର ଏକ ଗଛରେ ୪ଟି ମାଙ୍କଡ଼ ଅଚେତ ଅବସ୍ଥାରେ ବସି ରହିଥିଲେ। ସ୍ଥାନୀୟ ଲୋକେ ଉକ୍ତ ଗଛର ଡାଳ ହଲାଇବାରୁ ୨ଟି ମାଙ୍କଡ଼ ମୃତ ଅବସ୍ଥାରେ ତଳେ ପଡିଥିଲେ। ସ୍ଥାନୀୟ ଅଞ୍ଚଳରେ ହୋଇଥିବା ଫସଲରେ କୀଟନାଶକ ପ୍ରୟୋଗ କରାଯାଇଛି। ଏହି ଫସଲକୁ ଖାଇ ମାଙ୍କଡ଼ଙ୍କ ମୃତ୍ୟୁ ହୋଇଥିବା ଚର୍ଚ୍ଚା ହେଉଛି।

### ଆଜି କ'ଣ କେଉଁଠି

କଟକ

- ଖ୍ରୀଷ୍ଟ କଲେଜ ପକ୍ଷରୁ ଖ୍ରୀଷ୍ଟମାସ କାରୋଲ, କଲେଜ ପରିସର, ସନ୍ଧ୍ୟା ୫ଟା।
- ପ୍ରଜାପିତା ବ୍ରହ୍ମାକୁମାରିଜ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆଧ୍ୟାତ୍ମିକ ଜନସମାବେଶ, ଓମଫେଡ୍ ପଡ଼ିଆ, ଫୁଲନଖରା, ଅପରାହ୍ନ ୩ଟା ୩୦।

## କୁଲୁ ଚା'ଚାଳିରେ ତେଲଙ୍ଗାନା ଚାଟି

**କଟକ ଅଫିସ, ୬।୧୨**




ଖଟି ପରମ୍ପରା କଟକରେ ବହୁ ପୁରୁଣା। ଦିନେ ଖଟିକୁ ନ ଆସିଲେ କଟକିଆଙ୍କର ଭାତ ହଜମ ହୁଏନି। ସହରର ପ୍ରତ୍ୟେକ ଗଳିକନ୍ଦିରେ ଥିବା ଚା' ଦୋକାନ, ନଦୀବନ୍ଧର କିଛି ନିର୍ଦ୍ଦିଷ୍ଟ ସ୍ଥାନରେ ସକାଳେ ଓ ସଞ୍ଜରେ ଖଟି ଜମେ। ବୟସର କିଛି ତାରତମ୍ୟ ନ ଥାଏ। ବିଭିନ୍ନ ବର୍ଗର ଲୋକମାନେ ଏଠାରେ ଏକତ୍ର ହୋଇ ଅନେକ ବିଷୟରେ ଚର୍ଚ୍ଚା କରନ୍ତି। ପାଲାମଣ୍ଡପଠାରୁ ପାର୍ଲାମେଣ୍ଟ ପର୍ଯ୍ୟନ୍ତ କଥା କଟକର ବିଭିନ୍ନ ଖଟିରେ ଆଲୋଚନା ହୁଏ। ଶୁକ୍ରବାର ସନ୍ଧ୍ୟାରେ 'ଧରିତ୍ରୀ' ଟିମ୍ ପହଞ୍ଚିଥିଲା ବାଦାମବାଡ଼ି ବସ୍‌ଷ୍ଟାଣ୍ଡ ନିକଟ ଝାଞ୍ଜିରୀମଙ୍ଗଳା ଗଡ଼ାରେ ଥିବା କୁଲୁ ଚା' ଖଟିରେ। ଏଠାରେ ସବୁଦିନ ପରି ଆଇନଜୀବୀମାନଙ୍କର ମେଳି ହୋଇଥିଲା। ସେଠାରେ ତେଲଙ୍ଗାନା ଏନ୍‌କାଉଣ୍ଟରକୁ ନେଇ ଖଟି ଜମି ଯାଇଥିଲା।

ଗତ ୨୭ ତାରିଖରେ ତେଲଙ୍ଗାନାରେ ଜଣେ ମହିଳା ଚିକିତ୍ସକଙ୍କୁ ବଳାତ୍କାର ଓ ପରେ ପୋଡି ମାରିଦିଆଯାଇଥିଲା। ଏହି ଘଟଣାରେ ପୋଲିସ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତେବେ ଶୁକ୍ରବାର ସକାଳେ ପୋଲିସ ସେମାନଙ୍କୁ ଏନ୍‌କାଉଣ୍ଟରରେ ହତ୍ୟା କରିଛି। ଏହି ଖବର ଦେଶରେ ବିଜୁଳି ବେଗରେ ବ୍ୟାପି ଯାଇଥିଲା। ପୋଲିସର ଏଭଳି କାର୍ଯ୍ୟକୁ ଦେଶବାସୀ ପ୍ରଶଂସା କରୁଥିବାବେଳେ ଅନେକ ଲୋକ ବିରୋଧ ମଧ୍ୟ କରିଛନ୍ତି। ଏ ନେଇ କୁଲୁ ଚା' ଖଟିରେ ସେମାନଙ୍କ ମଧ୍ୟରେ ବେଶ୍ ସରଗରମ ଆଲୋଚନା ହୋଇଥିଲା।

"ତେଲଙ୍ଗାନା ବଳାତ୍କାର ଓ ହତ୍ୟା ଘଟଣା ଅତ୍ୟନ୍ତ ଲଜ୍ଜାଜନକ ଘଟଣା। ଏଭଳି ବଳାତ୍କାରୀଙ୍କୁ ଦୁନିଆରେ ଯେତେପ୍ରକାର ଦଣ୍ଡ ଅଛି ଦେଲେ ମଧ କମ୍ ପଡିବ। ପୋଲିସର ଏଭଳି କାର୍ଯ୍ୟକୁ ମୁଁ ହୃଦୟରୁ ସ୍ୱାଗତ କରୁଛି। ପୋଲିସ ଏନ୍‌କାଉଣ୍ଟର ନ କରିଥିଲେ ପରବର୍ତ୍ତୀ ମୁହୂର୍ତ୍ତରେ ପୀଡିତାଙ୍କ ପରିବାରବର୍ଗ ଆଇନକାନୁନ ଓ କୋର୍ଟ ଚକରରେ ପେସି ହୋଇଯାଇଥାନ୍ତେ। ସେପଟେ ଅଭିଯୁକ୍ତମାନେ ବେଲ୍‌ରେ ଆସି ପୁଣିଥିରେ ବଳାତ୍କାର କରିଥାନ୍ତେ। ଏହି ଏନ୍‌କାଉଣ୍ଟର ଦ୍ୱାରା ଆଗାମୀ ଦିନରେ ବଳାତ୍କାର କରିବାକୁ ଚିନ୍ତା କରୁଥିବା ଲୋକଙ୍କ ମନରେ ଭୟ ସୃଷ୍ଟି ହେବ।

**-ସମୀର କୁମାର ବିଶ୍ୱାଳ, ଆଇନଜୀବୀ ଓ ଶିକ୍ଷାବିତ୍**

"ଲୋକମାନଙ୍କ ଭାବାତ୍ମକ ଦୃଷ୍ଟି କୋଣରୁ ଏହା ଠିକ୍ ଲାଗୁଥିଲେ ମଧ ପୋଲିସର ଏପରି କାର୍ଯ୍ୟ ଗ୍ରହଣୀୟ ନୁହେଁ। ବଳାତ୍କାରୀଙ୍କୁ କଠୋର ଦଣ୍ଡ ଆବଶ୍ୟକ। କିନ୍ତୁ ସେଥିପାଇଁ ଆଇନ୍‌କାନୁନ ଅଛି। ଅଭିଯୁକ୍ତମାନେ ଅଦାଲତରେ ଦୋଷୀ ସାବ୍ୟସ୍ତ ହେବା ପରେ ତାଙ୍କୁ ଫାଶୀ ହୋଇଥାନ୍ତା। କିନ୍ତୁ ପୋଲିସ ଆଇନର ରକ୍ଷାକାରୀ ହୋଇ ନିଜେ ହିଁ ଆଇନ ଭାଙ୍ଗିବା ଠିକ୍ ନୁହେଁ।

**-ଦିବ୍ୟଜ୍ୟୋତି ସାମଲ, ଆଇନଜୀବୀ**

"ତେଲଙ୍ଗାନା ପୋଲିସର ଏପରି ପଦକ୍ଷେପ ସ୍ୱାଗତଯୋଗ୍ୟ। ଏଭଳି ବଳାତ୍କାରୀ ଯୁବକମାନଙ୍କୁ ଏହାହିଁ ପ୍ରକୃତ ଦଣ୍ଡ। ତେଲଙ୍ଗାନା ପୋଲିସ ପରି ଅନ୍ୟରାଜ୍ୟର ପୋଲିସ ମଧ ଏମିତି କରିବା ଉଚିତ୍। ଯାହାଦ୍ୱାରା ନାରୀମାନଙ୍କୁ ଖରାପ ଦୃଷ୍ଟିରେ ଦେଖିବାକୁ ଏଭଳି ଲୋକ ଭୟ କରିବେ।

**-ଭୃ ମହାନ୍ତି, ରାଜାବଗିଚା ବାସିନ୍ଦା।**

**-ରିପୋର୍ଟ- ଓଁକାର ମିଶ୍ର**

## ନାବାଳିକା ବଳାତ୍କାର ମାମଲା: ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**କଟକ ଅଫିସ, ୬।୧୨**

୧୭ ବର୍ଷର ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ଗିରଫ ହୋଇଥିବା ଅଭିଯୁକ୍ତ ଚୌଦ୍ୱାର ଥାନା ଅଧୀନ କଖଡି ଗ୍ରାମର ପ୍ରକାଶ ପ୍ରଧାନ ନିର୍ଦ୍ଦୋଶରେ ଖଲାସ ହୋଇଛନ୍ତି। ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ପୋଲିସ ୩୭୬, ୨୯୪, ୫୦୬, ୪୨୩ ଓ ପୋକ୍‌ସୋ ଆଇନକୁ ଆଧାର କରି ଦଫା ଲଗେଇଥିଲା। ଗିରଫ ଅଭିଯୁକ୍ତ ୪ମାସରୁ ଊର୍ଦ୍ଧ୍ୱ ସମୟ ବିଚାର ବିଭାଗୀୟ ହାଜତରେ ରହିବା ପରେ ତାଙ୍କୁ ହାଇକୋର୍ଟରୁ ଜାମିନ ମିଳିଥିଲା। ଏହାପରେ ମାମଲାର ଶୁଣାଣି ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ଚାଲିଥିଲା। ମାମଲାରେ ଜଣେ ପୋଲିସ କର୍ମଚାରୀ, ପୀଡିତା ଓ ପୀଡିତାଙ୍କ ମା, ଭଉଣୀଙ୍କ ଠାରୁ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ସାକ୍ଷ୍ୟ ପ୍ରମାଣକୁ ଆଧାର କରି ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ସମ୍ପୃକ୍ତ ଅଭିଯୁକ୍ତଙ୍କ ସମେତ ଉକ୍ତ ମାମଲାରେ ପକ୍ଷଭୁକ୍ତ ଥିବା ତାଙ୍କ ମାଆ ଓ ବାପାଙ୍କୁ ନିର୍ଦ୍ଦୋଶରେ ଖଲାସ କରିଛନ୍ତି।

### ଅଧାପନ୍ତରିଆ ଘର କରିଥିବା ହିତାଧିକାରୀଙ୍କୁ ସୁଯୋଗ

## ନେଇଥିବା କିସ୍ତି ଟଙ୍କା ଫେରାଇଲେ ମିଳିବ ନୂଆ ଘର

**କଟକ ସଦର,୬।୧୨(ଡି.ଏନ୍‌.ଏ.):** ୨୦୦୦-୨୦୧୭ ଆର୍ଥିକ ବର୍ଷରେ କାର୍ଯ୍ୟାଦେଶ ନେଇ ଇନ୍ଦିରାଆବାସ ଓ ପ୍ରଧାନମନ୍ତ୍ରୀ ଆବାସ ସମ୍ପୂର୍ଣ୍ଣ କରିପାରି ନ ଥିବା ହିତାଧିକାରୀଙ୍କ ପାଇଁ ରାଜ୍ୟ ସରକାର ନୂଆ ଯୋଜନା ଘୋଷଣା କରିଛନ୍ତି। ଏଥିରେ ହିତାଧିକାରୀମାନେ ନେଇଥିବା କିସ୍ତିଟଙ୍କା ବ୍ଲକ କାର୍ଯ୍ୟାଳୟରେ ଫେରସ୍ତ ଦେଲେ ସେମାନଙ୍କୁ ନୂଆ କରି ୧ ଲକ୍ଷ ୨୦ ହଜାର ଟଙ୍କିଆ ଘର ମିଳିପାରିବ। ଯାହାଫଳରେ ଦରଦାମ ବୃଦ୍ଧି ଯୋଗୁ ଘର କାମ ସମ୍ପୂର୍ଣ୍ଣ କରିପାରି ନ ଥିବା ଏହି ବ୍ଲକର ୧୦୦୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ଲାଭବାନ ହୋଇପାରିବେ। ଏ ସଂକ୍ରାନ୍ତରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପତ୍ରସଂଖ୍ୟା ୨୨୭୩୦/୫।୧୨।୧୯ରେ ଏକ ନିର୍ଦ୍ଦେଶନାମା ସମସ୍ତ ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଜାରି କରିଛନ୍ତି। ୨୨,୦୦୦ରୁ ୭୦,୦୦୦ ଟଙ୍କା ମଧ୍ୟରେ ଘର କରିବା ପାଇଁ ବିଭିନ୍ନ ବର୍ଷରେ କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀମାନେ ଫାଇଲ ଦେଖି କିସ୍ତି ବାବଦ ନେଇଥିବା ଅର୍ଥ ବିଡିଓଙ୍କ ନିକଟରେ ଦାଖଲ କରିବେ। ପରେ ହିତାଧିକାରୀଙ୍କ ଏକ ସମ୍ଭାବ୍ୟ ତାଲିକା ପ୍ରସ୍ତୁତ କରାଯାଇ ପର୍ଯ୍ୟାୟକ୍ରମେ ନୂଆ ପ୍ରଧାନମନ୍ତ୍ରୀ ଆବାସ ଦିଆଯିବା ପାଇଁ ବ୍ୟବସ୍ଥା କରାଯିବ। ସମସ୍ତ କିସ୍ତି ପାଇଥିବା ହିତାଧିକାରୀ ଆଉ ନୂଆ ଘର ପାଇବା ପାଇଁ କୌଣସି ଯୋଜନାରେ ସାମିଲ ହୋଇପାରିବେ ନାହିଁ ବୋଲି ସମ୍ପୃକ୍ତ ବିଭାଗ ସ୍ପଷ୍ଟ କରିସାରିଛି।



କଟକ ଶ୍ରୀରାମଚନ୍ଦ୍ର ଭବନରେ ଡ. ରାଧାନାଥ ରଥ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଶୁକ୍ରବାର ପଦ୍ମଭୂଷଣ ଡକ୍ଟର ରାଧାନାଥ ରଥ ଜୟନ୍ତୀ ସମାରୋହରେ ସାମାଜିକ କର୍ମୀ ଶାନ୍ତି ଦେବୀଙ୍କୁ ଡ. ରାଧାନାଥ ରଥ ସେବା ସମ୍ମାନ ପ୍ରଦାନ କରାଯାଉଛି।

## ଜିଲା ପରିଷଦ ନିର୍ବାଚନ ପ୍ରସ୍ତୁତି

**କଟକ ସଦର,୬।୧୨(ଡି.ଏନ୍‌.ଏ.)**

କଟକ ଜିଲା ପରିଷଦ ଜୋନ୍ ନଂ. ୭ର ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ପାଇଁ ଶୁକ୍ରବାରଠାରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଉକ୍ତ ଜୋନ୍‌ରେ ଥିବା ବାରଦା, ଧରିଣା, ସୋମପୁର, ଯଶପଡା, ଅରିଲୋ, କିଶୋର ନଗର, ବୋଧପୁର ଓ ପ୍ରହରାଜପୁର ପଞ୍ଚାୟତ ୧୨୪ ୱାର୍ଡର ଭୋଟର ତାଲିକା ସଂଶୋଧନ ଆରମ୍ଭ ହୋଇଛି। ଆସନ୍ତା ୨୭ ତାରିଖ ମଧ୍ୟରେ ନୂତନ ନାମ ଯୋଗ ଓ ବିୟୋଗ କରାଯାଇପାରିବ। ଏହି କାମ କେବଳ ପଞ୍ଚାୟତ କାର୍ଯ୍ୟାଳୟରେ କରାଯିବ ବୋଲି ଭାରପ୍ରାପ୍ତ ବିଡିଓ ଜ୍ଞାନରଞ୍ଜନ ପଣ୍ଡା ଜଣାଇଛନ୍ତି। ୨୦୨୦ ଫେବୃୟାରୀରେ ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ହେବାର ସମ୍ଭାବନା ରହିଛି। ଜିଲା ପରିଷଦ ସଭ୍ୟ ଗୋବିନ୍ଦ ସାମଲଙ୍କ ଅକାଳ ବିୟୋଗ ଯୋଗୁ ୬ ମାସ ହେବ ଆସନଟି ଖାଲି ପଡିଥିଲା।

## ପଦ୍ମଭୂଷଣ ରାଧାନାଥ ରଥଙ୍କ ଜୟନ୍ତୀ

**କଟକ ଅଫିସ, ୬।୧୨**

ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ଜୟନ୍ତୀ ଉତ୍ସବ କଟକସ୍ଥିତ ସମାଜ ଅଫିସ ପରିସରରେ ଥିବା ରାଧାନାଥଙ୍କ ପ୍ରତିମୂର୍ତ୍ତି ନିକଟରେ ଶୁକ୍ରବାର ପାଳିତ ହୋଇଛି। ସଂଘ ଉପସଭାପତି ସିନୁ ରେଞ୍ଜୀ, ସାଧାରଣ ସମ୍ପାଦକ ଦୁର୍ଗାପ୍ରସାଦ ଛାଟୋଇ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ କୁମାର ମହାନ୍ତି, କମିଟି ସଭ୍ୟ ମନୋଜ ପାଲ, ହିମାଂଶୁ ମହାପାତ୍ର, ସନ୍ତୋଷ ମହାନ୍ତି, ପ୍ରଶାନ୍ତ ସାହୁ, ହାଡିବନ୍ଧୁ ବେହେରା ଓ ପ୍ରଭାସ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କଟକ ନଗର ଜିଲା କଂଗ୍ରେସ ପକ୍ଷରୁ ପୁରୀଘାଟସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ପଦ୍ମଭୂଷଣ ଡ.ରାଧାନାଥ ରଥଙ୍କ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ବିଧାୟକ ଇଂ. ମହମ୍ମଦ ମୋକିମ ପୌରୋହିତ୍ୟ କରିଥିଲେ। ଏହି ଅବସରରେ ସମ୍ବିଧାନ ପ୍ରଣେତା ଡ. ବି.ଆର. ଆମ୍ବେଡକରଙ୍କ ତିରୋଧାନ ଦିବସ ପାଳିତ ହୋଇଥିଲା। ଏଥିରେ ଦଳର ବହୁ ସଦସ୍ୟ ଯୋଗଦେଇ ଦୁଇ ମହାନ ରାଷ୍ଟ୍ର ନାୟକଙ୍କ ସ୍ମୃତିଚାରଣ କରିଥିଲେ।



### ବିଦ୍ୟାଳୟ, ଗଣଶିକ୍ଷା ସଚିବଙ୍କ କଟକ ଜିଲା ଗସ୍ତ

## ଉନ୍ନୟନ କାର୍ଯ୍ୟର ତଦାରଖ

**କଟକ ଅଫିସ, ୬।୧୨**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଚିତ୍ରା ଅରୁମଗମ ତିନିଦିନିଆ କଟକ ଜିଲା ଗସ୍ତରେ ଆସିଥିଲେ। ଏହି ଗସ୍ତରେ ସେ ଆଠଗଡ, ବଡମ୍ବା, ନରସିଂପୁର, ବାଙ୍କୀ, ଡମପଡା ଆଦି ଅଞ୍ଚଳ ପରିଦର୍ଶନ କରିଥିଲେ। ଗସ୍ତ ଶେଷ କରିବା ପରେ ଶୁକ୍ରବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାର ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ବୈଠକ କରିଥିଲେ। ଜିଲାରେ ଚାଲିଥିବା ସମସ୍ତ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ ହେବା ସହ ଖାଉଟି ସାମଗ୍ରୀ ବିତରଣ ତଥା ରାଶନକାର୍ଡଧାରୀଙ୍କ ସମ୍ପର୍କରେ ପଚାରି ବୁଝିଥିଲେ। ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ଉପକୃତ ହେଉଥିବା ହିତାଧିକାରୀମାନଙ୍କ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀଙ୍କଠୁ ବୁଝିଥିଲେ। ବିଦ୍ୟାଳୟଗୁଡିକରେ ଚାଲିଥିବା ମଧ୍ୟାହ୍ନଭୋଜନ, ବିପଦସଙ୍କୁଳ ଅବସ୍ଥାରେ ଥିବା ବିଦ୍ୟାଳୟ ଗୃହ, ପାନୀୟଜଳର ବ୍ୟବସ୍ଥା ସମ୍ବନ୍ଧରେ ପଚାରି ବୁଝିବା ସହ କାଉନସେଲିଂ ସେଣ୍ଟର ବୁଲି ଦେଖିଥିଲେ। ସେହିପରି ସଚିବ ନିରାମୟ ଔଷଧ ଯୋଗାଣ ଉପରେ ପ୍ରାଧାନ୍ୟ ଦେବା ସହ ଅଙ୍ଗନୱାଡି କେନ୍ଦ୍ରରେ ସରକାରଙ୍କ ଦ୍ୱାରା ରନ୍ଧନ ଗ୍ୟାସ ଯୋଗାଣ ସମ୍ବନ୍ଧରେ ବୈଠକରେ କହିଥିଲେ। ଏତଦ୍‌ବ୍ୟତୀତ ଉପକୃତ ହେଉଥିବା ମଧୁବାବୁ ପେନ୍‌ସନ ଯୋଜନା ଏବଂ ମମତା ଯୋଜନାରେ ହିତାଧିକାରୀଙ୍କ ସମେତ ଗର୍ଭବତୀ ମହିଳାମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା ସମ୍ବନ୍ଧରେ ସମୀକ୍ଷା କରିବା ସହିତ ଆଦିବାସୀ ଛାତ୍ରାବାସ ଅନ୍ତେବାସୀଙ୍କୁ ଯୋଗାଯାଉଥିବା ସୁବିଧା ସମ୍ବନ୍ଧରେ ଅବଗତ ହୋଇଥିଲେ। ବୈଠକରେ ଶାସନ ସଚିବ ଜାଇକା କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଜାଣିବା ସହ କାର୍ଯ୍ୟ ତଦାରଖ ନିମନ୍ତେ ବିଭିନ୍ନ ସ୍ଥାନ ପରିଦର୍ଶନ ଥିଲେ। ଏଥିସହ ସିଡିଏସ୍ଥିତ ବର୍ଜ୍ୟଜଳ ବିଶୋଧନାଗାର ଯାଇ ଏହାର ବୈଜ୍ଞାନିକ କାର୍ଯ୍ୟ ପ୍ରଣାଳୀ ସମ୍ବନ୍ଧରେ ଜାଣିଥିଲେ। ଏହି ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଯୁଗ୍ମ ସଚିବ ରଘୁରାମ ଆୟର, ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଜାଇକାର ମୁଖ୍ୟଯନ୍ତ୍ରୀ ବସନ୍ତ ସେନାପତି, ପ୍ରକଳ୍ପ ନିର୍ଦ୍ଦେଶକ ବସନ୍ତ ପରିଡା, ପ୍ରକଳ୍ପ ଯନ୍ତ୍ରୀ ବିକ୍ରମ କେଶରୀ ମିଶ୍ରଙ୍କ ସମେତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ତେଲଙ୍ଗାନାରେ ଏନ୍‌କାଉଣ୍ଟର, କଟକରେ ଉତ୍ସବ

**କଟକ ଅଫିସ,୬।୧୨**

ହାଇଦ୍ରାବାଦର ଜଣେ ମହିଳା ପ୍ରାଣୀ ଚିକିତ୍ସକଙ୍କୁ ବଳାତ୍କାର ଓ ହତ୍ୟା କରିବା ମାମଲାର ଅଭିଯୁକ୍ତଙ୍କୁ ପୋଲିସ ଏନ୍‌କାଉଣ୍ଟର କରିଛି। ଶୁକ୍ରବାର ସକାଳୁ ଏହି ଖବର ମିଳିବା ପରେ ଦେଶରେ ପୋଲିସର ଉକ୍ତ କାର୍ଯ୍ୟକୁ ପ୍ରଶଂସା କରାଯାଇଛି। ଏଥିରୁ ବାଦ୍ ପଡିନି କଟକ ସହର। ଏଥିପାଇଁ ଦିନ ତମାମ ସହରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା। ସେହିପରି ସନ୍ଧ୍ୟାରେ ମଧ ସହରର ବିଭିନ୍ନ ଛକରେ ଜନସାଧାରଣ ପୋଲିସର ଏହି ପଦକ୍ଷେପକୁ ସ୍ୱାଗତ କରାଯିବା ସହ ବାଣ ଫୁଟାଇ ଓ ମିଠା ବଣ୍ଟନ କରି ସ୍ୱାଗତ କରିଥିଲେ। ତେଲଙ୍ଗାନା ପୋଲିସକୁ ସମସ୍ତେ ସାଧୁବାଦ ଜଣାଇ ପୀଡ଼ିତାଙ୍କୁ ନ୍ୟାୟ ମିଳିଛି ବୋଲି କହିଛନ୍ତି। ଏହି ଘଟଣାକୁ ନେଇ ଆମେ କିଛି କଟକବାସୀଙ୍କ ମତାମତ ଲୋଡ଼ିଥିଲୁ। ସେମାନଙ୍କ ମତରେ ନ୍ୟାୟିକ ବ୍ୟବସ୍ଥାରେ ଏଭଳି ଜଘନ୍ୟକାଣ୍ଡ ଘଟାଇଥିବା ଅଭିଯୁକ୍ତଙ୍କୁ ଦଣ୍ଡ ମିଳିବା ନିଶ୍ଚିତ ଭାବେ ବିଳମ୍ବ ହୋଇଥାନ୍ତା। ମାତ୍ର ପୋଲିସ ସେମାନଙ୍କୁ ଠିକ୍ ଦଣ୍ଡ ଦେଇଛି। ଏହାଦ୍ୱାରା ଆଗାମୀ ଦିନରେ କୌଣସି ଲୋକ ଅସାହାୟା କିମ୍ବା ନାବାଳିକାଙ୍କୁ ଅସଦାଚରଣ କରିବାକୁ ଭୟ କରିବେ।

## ପଦ୍ମଭୂଷଣ ଡଃ. ରାଧାନାଥ ରଥଙ୍କ ଜୟନ୍ତୀ

**ଖୁଣ୍ଟୁଣୀ,୬।୧୨(ଡି.ଏନ୍‌.ଏ.):** ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ ତଥା ସାମ୍ବାଦିକ ଡଃ. ରାଧାନାଥ ରଥଙ୍କ ୧୨୩ତମ ଜୟନ୍ତୀ ଶୁକ୍ରବାର ଖୁଣ୍ଟୁଣୀ କଲେଜରେ ପାଳିତ ହୋଇଯାଇଛି। କଲେଜ ଅଧକ୍ଷ ରବିନାରାୟଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଜୟନ୍ତୀ ଉତ୍ସବରେ ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ଡ. ଶଶିଭୂଷଣ ମିଶ୍ର, ଥାନା ଅଧିକାରୀ ସୁଚିତ୍ର ବିର୍ଯ୍ୟ ଦାସ, ବିପିନ ବିହାରୀ ପ୍ରଧାନ, ନୃସିଂହ ଚରଣ ସାହୁ, ଡ. ମନୋରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ଡଃ. ରଥଙ୍କ ସ୍ମୃତିଚାରଣ କରିବା ସହ ମତବ୍ୟକ୍ତ କରିଥିଲେ। ପ୍ରଥମେ କଲେଜ ପରିସରରେ ଥିବା ଡଃ. ରଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। କ୍ରୀଡା ଶିକ୍ଷକ ସୁଧାକର ମାଳିଆ ଓ ଅଧାପକ ଗୋବର୍ଦ୍ଧନ ବେଉରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବାର୍ଷିକ କ୍ରୀଡାରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅଧାପକ ସୁରେନ୍ଦ୍ର ପେଣ୍ଟେଇ ଧନ୍ୟବାଦ ଦେଇଥିଲେ।

### ଜମି ଯୋଗାଇ ଦେବା ନାଁରେ ୩ ଲକ୍ଷ ଠକେଇ

## ଗ୍ରାହକ ସାଜି ଅଭିଯୁକ୍ତଙ୍କୁ ଗିରଫ କଲା ପୋଲିସ

**କଟକ ଅଫିସ, ୬।୧୨**

ଜମି ଯୋଗାଇ ଦେବାକୁ କହି ୩ ଲକ୍ଷ ଠକି ନେବା ଅଭିଯୋଗରେ ବାଦାମବାଡି ପୋଲିସ ଶୁକ୍ରବାର ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଅଞ୍ଚଳର ରାଜେଶ କୁମାର ସ୍ୱାଇଁ(୪୧)। ଅଭିଯୋଗ ଅନୁଯାୟୀ, ପୁରୀଘାଟ ଥାନା ଅନ୍ତର୍ଗତ ବ୍ରିଟିଶ୍‌ଗଡାର କେ. ଲକ୍ଷ୍ମୀ ନାରାୟଣ ଛତ୍ରବଜାରରେ କଦଳୀ ବ୍ୟବସାୟ କରନ୍ତି। କିଛିଦିନ ତଳେ ରାଜେଶ ତାଙ୍କ ସଂସ୍ପର୍ଶରେ ଆସିଥିଲେ। ରାଜେଶ ନିଜକୁ ଶ୍ରୀ ରିୟଲକନ୍ ନାମକ ଏକ ସଂସ୍ଥାର ମାଲିକ ବୋଲି ପରିଚୟ ଦେବା ସହ କମ୍ ଟଙ୍କାରେ ଜମି ଯୋଗାଇ ଦେବାକୁ ତାଙ୍କୁ କହିଥିଲେ। ପରେ ସେ ତାଙ୍କୁ ନଖରା, ସଦର ଓ ୪୨ ମୌଜା ଅଞ୍ଚଳରେ କିଛି ଜାଗା ଦେଖାଇଥିଲେ। ଏଥିରେ ବିଶ୍ୱାସ କରି ଲକ୍ଷ୍ମୀନାରାୟଣ ଜାଗା କିଣିବା ବାବଦରେ ତାଙ୍କୁ ୩ଲକ୍ଷ ଟଙ୍କା ଦେଇଥିଲେ। ତେବେ ଟଙ୍କା ନେବା ପରେ ରାଜେଶ ଫୋନ ସୁଇଚ୍ ଅଫ କରି ଧରାଛୁଆଁ ଦେଇ ନ ଥିଲେ। ଏ ନେଇ ଲକ୍ଷ୍ମୀନାରାୟଣ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୮୭/୧୯) ରୁଜୁ କରିଥିଲା। ପୋଲିସ ରାଜେଶଙ୍କ ଫୋନ କଲ୍ ଟ୍ରାକ୍ କରିବାରୁ ସେ କନ୍ଦରପୁରରେ ଥିବା ଜାଣିବାକୁ ପାଇଥିଲା। ପରେ ବାଦାମବାଡି ଥାନା ଏସ୍‌ଆଇ ପୁଷ୍ପଲତା ରାଉତ ଜମି କିଣିବା ବାହାନାରେ ରାଜେଶଙ୍କୁ ଫୋନ୍ କରିଥିଲେ। ରାଜେଶ କନ୍ଦରପୁରରେ ରହୁଥିବା ଭଡା ଘରକୁ ତାଙ୍କୁ ଡାକିଥିଲେ। ତାଙ୍କ କହିବା ଅନୁସାରେ ପୋଲିସ ସାଦା ପୋଷାକରେ ପହଞ୍ଚି ତାଙ୍କୁ ଗିରଫ କରିଥିଲା।

## ୩୦ ବର୍ଷ ପରେ ଘରକୁ ଫେରିଲେ ଅର୍ଜୁନ

**ତିଗିରିଆ,୬।୧୨ (ଡି.ଏନ.ଏ.)**

ତିଗିରିଆ ଥାନା ଅନ୍ତର୍ଗତ ନୂଆପାଟଣା ହରିବଲ୍ଲଭ ସାହିର ଅର୍ଜୁନ କୁଣ୍ଡୁ ରହସ୍ୟଜନକ ଭାବେ ନିଖୋଜ ହେବାର ୩୦ବର୍ଷ ପରେ ଗୁରୁବାର ଗାଁକୁ ଫେରିଛନ୍ତି। ସୂଚନା ଅନୁଯାୟୀ ୧୯୮୯ ମସିହା ଡିସେମ୍ବର ମାସରେ ୧୫ବର୍ଷୀୟ ଅର୍ଜୁନ ଏକ ଆଶ୍ରମର ଜଣେ ବାବାଙ୍କ ପାଖରୁ କିଛି ଟଙ୍କା ଚୋରି କରିଥିଲେ। ଲୋକ ଲଜ୍ଜା ଯୋଗୁ ସେବେଠାରୁ ସେ କୁଆଡେ ଚାଲିଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ ସନ୍ଧାନ ପାଇ ନ ଥିଲେ। ତାଙ୍କ କହିବା କଥା ସେ କଟକ, ଭୁବନେଶ୍ୱର, ପୁରୀ, କୋଲକାତା, ଦିଲ୍ଲୀ, ଝାନ୍‌ସୀ ଆଦି ଅଞ୍ଚଳରେ ବୁଲି ସମୟ କଟାଇଥିଲେ। ସୋମବାର ସକାଳେ ସେ ହରିଦ୍ୱାର ପୁରୀ କଳିଙ୍ଗ ଉତ୍କଳ ମେଲ୍ ଟ୍ରେନରେ ଝାନ୍‌ସୀରୁ ଆସି କଟକ ରେଳଷ୍ଟେଶନରେ ଓହ୍ଲାଇଥିଲେ। ପାଖରେ ପଇସା ନ ଥିବାରୁ ଚାଲି ଚାଲି ବୁଧବାର ସନ୍ଧ୍ୟାରେ ନୂଆପାଟଣାରେ ପହଞ୍ଚି ବସ୍‌ଷ୍ଟାଣ୍ଡରେ ରାତ୍ରୀ ଯାପନ କରିଥିଲେ। ଗୁରୁବାର ଶ୍ରମିକଙ୍କ ସହିତ କାମ କରିବାକୁ ଯାଇ ସନ୍ଧ୍ୟାରେ ନିଜ ଘର ଖୋଜିଖୋଜି ପାଇଥିଲେ। ପରିବାର ଲୋକେ ପ୍ରଥମେ ତାଙ୍କୁ ଚିହ୍ନିପାରି ନ ଥିଲେ। କଥାବାର୍ତ୍ତା ପରେ ସେ ଅର୍ଜୁନ ବୋଲି ଜାଣି ବିଧବା ମା' ଗଣ୍ଡେଇ କୁଣ୍ଡୁ (୭୮) ଖୁସିରେ କୁଣ୍ଢାଇ ପକାଇଥିଲେ। ତାଙ୍କୁ ବର୍ତ୍ତମାନ ୪୬ ବର୍ଷ। ଅର୍ଜୁନ କହନ୍ତି, ବିଭିନ୍ନ ସ୍ଥାନରେ ହୋଟେଲ ଓ ଜଳଖିଆ ଦୋକାନରେ କାମ କରି ସମୟ ବିତାଇଥିଲି। ମାତ୍ର କିଛି ଟଙ୍କା ପାଇଁ ୩୦ ବର୍ଷ ଧରି ମୁଁ ଦଣ୍ଡ ପାଇଛି, କାଳେ ଘରକୁ ଆସିଲେ ପୋଲିସ ଗିରଫ କରିବ ସେଥିଯୋଗୁ ଘରକୁ ଆସି ନ ଥିଲି ବୋଲି କହିଛନ୍ତି। ତାଙ୍କ ସାଙ୍ଗ ତଥା ନୂଆପାଟଣା ପଞ୍ଚାୟତର ୱାର୍ଡସଭ୍ୟ ଅନ୍ତର୍ଯ୍ୟାମୀ ଦାସ କୁହନ୍ତି, ସେ ଏଠାରେ ନ ଥିବାରୁ ତାଙ୍କର ଭୋଟର ପରିଚୟପତ୍ର, ଆଧାରକାର୍ଡ ନାହିଁ। ତାଙ୍କୁ ସମସ୍ତ ସହାୟତା ପଞ୍ଚାୟତ ଓ ସରକାରଙ୍କ ତରଫରୁ ଯୋଗାଇଦେବା ପାଇଁ ଚେଷ୍ଟା କରାଯିବ।



ମା'ଙ୍କ ସହ ଅର୍ଜୁନ।

### ■ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଇସି ବୈଠକ

## ସମସ୍ୟା, କାର୍ଯ୍ୟସୂଚୀ ସମ୍ପର୍କରେ ଆଲୋଚନା

**କଟକ ଅଫିସ,୬।୧୨**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର କାର୍ଯ୍ୟନିର୍ବାହୀ ପରିଷଦ(ଇସି) ବୈଠକ ଶୁକ୍ରବାର ସନ୍ଧ୍ୟାରେ କୁଳପତିଙ୍କ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ପଦାଧିକାରୀମାନଙ୍କୁ ନେଇ ଅନୁଷ୍ଠିତ ବୈଠକରେ ବିଶ୍ୱବିଦ୍ୟାଳୟର ସମସ୍ୟା ଓ ଆଗାମୀ ଦିନରେ ହେବାକୁ ଥିବା କାର୍ଯ୍ୟସୂଚୀ ନେଇ ଆଲୋଚନା ହୋଇଥିଲା। ୨୦୨୦ରେ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ରାଷ୍ଟ୍ରପତିଙ୍କୁ ମୁଖ୍ୟଅତିଥି ଭାବେ ଯୋଗଦେବା ପାଇଁ ନିମନ୍ତ୍ରଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିବା କୁଳସଚିବ ଅଶୋକ କୁମାର ଦାସ କହିଛନ୍ତି।

ବିଶ୍ୱବିଦ୍ୟାଳୟର ସେଭେନ ପିଲାର ଅଫ ୱିଜଡମ ଠାରେ ହେବାକୁ ଥିବା ସମାବର୍ତ୍ତନ ଉତ୍ସବ ପାଇଁ କେତେଜଣ ଜଣ ବରିଷ୍ଠ ଅଧିକାରୀ ଦାୟିତ୍ୱ ନେଇଥିବା ଜଣାପଡ଼ିଛି। ସେଲ୍ଫ ଫାଇନାନ୍ସିଂ ପାଠ୍ୟକ୍ରମ ବିଷୟରେ ବୈଠକରେ ଅଧିକ ଗୁରୁତ୍ୱାରୋପ କରାଯାଇଥିଲା। ଏହାଛଡ଼ା ନିଯୁକ୍ତି ପ୍ରସଙ୍ଗ ନେଇ ମଧ ଆଲୋଚନା କରାଯାଇଥିଲା। ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ସ୍ତରର ଲାବରେଟୋରୀ ନିର୍ମାଣ କରାଯିବା ନେଇ ନିଷ୍ପତ୍ତି ହୋଇଛି। ବିଭିନ୍ନ ବିଭାଗରେ ଥିବା ଲାବୋଟୋରୀରେ ଆଗାମୀ ଦିନରେ ଅତ୍ୟାଧୁନିକ ମେଶିନ ଅଣାଯିବାକୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରଚେଷ୍ଟା ଆରମ୍ଭ ହୋଇଛି। ନରାଜ ଠାରେ ନିର୍ମାଣାଧିନ ଥିବା ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ ବିଷୟରେ ମଧ ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ କୁଳପତି ପ୍ରଫେସର ଈଶାନ କୁମାର ପାତ୍ର, କୁଳସଚିବ ଅଶୋକ କୁମାର ଦାଶ, ସିସିଡି ପ୍ରଫେସର ସଙ୍ଗୀତା ରଥ, ପରୀକ୍ଷା ନିୟନ୍ତ୍ରକ ତ୍ରିଲୋଚନ ମିଶ୍ର, ବରିଷ୍ଠ ପଦାଧିକାରୀ ପଦନ କୁମାର ଜେନା, ବିଧାୟକ ଇଂ. ମହମ୍ମଦ ମୋକିମ ଓ ସୌଭିକ ବିଶ୍ୱାଳଙ୍କ ସମେତ ପରିଷଦର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

**ଉଠିଲାନି ଅଧାପକ ସଙ୍କଟ ପ୍ରସଙ୍ଗ**

ବିଶ୍ୱବିଦ୍ୟାଳୟର ପ୍ରମୁଖ ସମସ୍ୟା ହେଉଛି ଅଧାପକ ସଙ୍କଟ। ଆବଶ୍ୟକତା ଠାରୁ ଢେର କମ୍ ପରିମାଣରେ ଅଧାପକ ବିଶ୍ୱବିଦ୍ୟାଳୟରେ ଶିକ୍ଷାଦାନ କରୁଛନ୍ତି। ଏପରି କି ଗୋଟିଏ ଗୋଟିଏ ବିଭାଗରେ ଜଣେ ହେଲେ ବି ପ୍ରଫେସର ନାହାନ୍ତି। ଏ ପ୍ରସଙ୍ଗ ଇସି ବୈଠକରେ ଆଲୋଚନା ହେବ ବୋଲି ଆଶା କରାଯାଉଥିଲା। ହେଲେ ବର୍ଷର ଶେଷ ଇସି ବୈଠକରେ ଏହି ପ୍ରସଙ୍ଗକୁ ଉଠାଯାଇ ନ ଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି।



ମାଟିରୁ ଫସଲ ଆମଦାନୀ ପାଇଁ ଯେପରି ଉତ୍ତମ ଚାଷ ଦରକାର,
ସେହିପରି ମନର ଚାଷ ପାଇଁ ଉତ୍ତମ ପୁସ୍ତକ ଅଧ୍ୟୟନ ଆବଶ୍ୟକ।
-ସେନେକା



## ସଂକ୍ଷେପରେ

### ଛାତ୍ରୀଙ୍କୁ ଅସଦାଚରଣ : ସିକ୍ୟୁରିଟି ଗାର୍ଡ ଗିରଫ

**ଖୋର୍ଦ୍ଧା ଅଫିସ,୬।୧୨:** ନାବାଳିକା କଲେଜ ଛାତ୍ରୀଙ୍କୁ ଟାଟା ଏସ୍‌ଇ ଗାଡିରେ ଅସଦାଚରଣ କରିବା ଅଭିଯୋଗରେ ଖୋର୍ଦ୍ଧା ସଦର ଥାନା ପୋଲିସ ଢେଙ୍କାନାଳ ଥାନା ଧଳପୁର ଗାଁର ମନୋଜ ମିଶ୍ର ନାମକ ଜଣେ ସିକ୍ୟୁରିଟି ଗାର୍ଡଙ୍କୁ ଗିରଫ କରିଛି। ଶୁକ୍ରବାର କଲେଜ ଛାତ୍ରୀ ଓ ସିକ୍ୟୁରିଟି ଗାର୍ଡଙ୍କର ଡାକ୍ତରୀ ମାଇନା କରାଯାଇଛି। ଶନିବାର ସିକ୍ୟୁରିଟି ଗାର୍ଡଙ୍କୁ କୋର୍ଟ ଚାଲାଣ କରାଯିବ। ଅଭିଯୋଗ ଅନୁସାରେ, ନିରାକାରପୁର ଅଞ୍ଚଳର ଜଣେ କଲେଜ ଛାତ୍ରୀ ଖୋର୍ଦ୍ଧାରେ ଘର ଭଡା ଘରେ ରୁହନ୍ତି। ସେ ମଳିପଡାର ଏକ କଲେଜରେ ପଢ଼ନ୍ତି। ଶୁକ୍ରବାର ଟାଟା ଏସ୍‌ଇ ଗାଡିରେ ଯାଉଥିବାବେଳେ ସେହି ଗାଡିରେ ମଳିପଡା ଅଞ୍ଚଳରେ ଥିବା ଏକ ସିକ୍ୟୁରିଟି ସଂସ୍ଥାର ଗାର୍ଡ ଭାବେ କାର୍ଯ୍ୟରତ ମନୋଜ (୩୬) ଅସଦାଚରଣ କରିଥିଲେ। ଏହି ଘଟଣା ଦଳେଇପୁଟ ଅଞ୍ଚଳରେ ଘଟିଥିଲା। ଖବରପାଇ ସଦର ଥାନା ପୋଲିସ ପହଞ୍ଚି ଉଭୟଙ୍କୁ ନିଜ ହେପାଜତକୁ ନେଇ ତଦନ୍ତ କରିଥିଲା। ନାବାଳିକାଙ୍କ ଅଭିଯୋଗକ୍ରମେ ପୋଲିସ ଦଫା ୩୫୪(ଏ), ୫୦୬ ଓ ୮ ପୋସ୍କୋ ଆକ୍ଟରେ ନଂ. ୧୭୪/୧୯ରେ ମାମଲା ରୁଜୁ କରିଛି।

### ଲୁଟ୍ କରି ଫେରାର ଥିବା ଯୁବକ ଗିରଫ

**ଖୋର୍ଦ୍ଧା ଅଫିସ,୬।୧୨:** ଖୋର୍ଦ୍ଧା ଜିଲାର ଜଙ୍କିଆ ଥାନା ପୋଲିସ ଲୁଟ୍ କରି ଫେରାର ଥିବା ଅଭିଯୋଗରେ ସରପାରୀ ଗାଁର ଦୀପକ ରଞ୍ଜନ ସାହୁ(୨୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜୁନ୍ ୭ରେ ସରପାରୀର ଗଗନ ସାହୁଙ୍କର ବାଇକ୍ ଓ ସୁନାଚେନ ଲୁଟ୍ ହୋଇଥିଲା। ସରପାରୀର ଦୀପକଙ୍କ ସମେତ ୪ଜଣ ବାଇକ ସହ ସୁନାଚେନ ଲୁଟି ନେଇଥିଲେ। ଗଗନଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୯୫/୧୯ରେ ମାମଲା ରୁଜୁ କରି ତଦନ୍ତ କରୁଥିଲା।

### ଜଳସମ୍ପଦ ବିଭାଗର ସ୍ୱତନ୍ତ୍ର ଶାସନ ସଚିବଙ୍କ ଡେଲାଙ୍ଗ ଗସ୍ତ

**ଡେଲାଙ୍ଗ,୬।୧୨(ଡି.ଏନ୍.ଏ.):** ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଅର୍ଚ୍ଚନା ପଟ୍ଟନାୟକ ଶୁକ୍ରବାର ଡେଲାଙ୍ଗ ବ୍ଲକର ବିଭିନ୍ନ ସ୍ଥାନ ପରିଦର୍ଶନ କରି ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ହରିରାଜପୁର ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନୱାଡିରେ ପହଞ୍ଚି ଶିକ୍ଷାଦାନ, ଛାତ୍ରଛାତ୍ରୀ ସଂଖ୍ୟା, ମଧ୍ୟାହ୍ନ ଭୋଜନ, ଖାଦ୍ୟର ମାନ ସମ୍ପର୍କରେ ପଚାରି ବୁଝିଥିଲେ। ହରିରାଜପୁର ମେଳଣ ପଡ଼ିଆରେ ଷ୍ଟ୍ରିଟ୍ ଲାଇଟ୍‌ର ବ୍ୟବସ୍ଥା, ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସେବାରେ ସମସ୍ୟା ସମ୍ପର୍କରେ ପୂର୍ବତନ ସରପଞ୍ଚ ପ୍ରସନ୍ନ ମହାରଥୀ ସ୍ୱତନ୍ତ୍ର ଶାସନ ସଚିବଙ୍କୁ ଅବଗତ କରାଇଥିଲେ। ମିଶନ ଶକ୍ତି ମହିଳା ମହାସଂଘର ଛତୁଆ ଉତ୍ପାଦନ କେନ୍ଦ୍ର ପରିଦର୍ଶନ କରି ଛତୁଆ, ପ୍ରସ୍ତୁତି ଗୃହ ଓ କଞ୍ଚା ମାଲ ବୁଲି ଦେଖିଥିଲେ। ମହାସଂଘ ସମ୍ପାଦିକା ବାସନ୍ତୀ ସାହୁଙ୍କ ସହିତ ମହିଳାସଭ୍ୟା ଶାସନ ସଚିବଙ୍କୁ ସ୍ୱାଗତ କରିଥିଲେ। ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଚିବ ପରିଦର୍ଶନ କରିବା ବେଳେ ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସାହୁ ଓ ସମିତି ସଭ୍ୟ ତଥା ପୂର୍ବତନ ସରପଞ୍ଚ ଦୁର୍ଗାଚରଣ ରାଉତରାୟ ଶାସନ ସଚିବଙ୍କୁ ଡାକ୍ତରଙ୍କ ଅଭାବ ଯୋଗୁ ରୋଗୀ ସେବା ବ୍ୟାହତ ହେଉଥିବା କହିଥିଲେ। ବିଡିଓ କ୍ଷୀରୋଦ୍ର ପ୍ରଧାନ,ସହକାରୀ ଯନ୍ତ୍ରୀ ମକର ବେହେରା, ଜଳସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମରେ ୩୦ ପ୍ଲାଟୁନ ଫୋର୍ସ

# ପରୀକ୍ଷାମୂଳକ ଭାବେ ଉଡାଣ କଲା ୨ ହେଲିକପ୍ଟର

**ଖୋର୍ଦ୍ଧା ଅଫିସ,୬।୧୨**

ପାଇକ ବିଦ୍ରୋହ ସ୍ମାରକର ଭିତ୍ତିପ୍ରସ୍ତର ସ୍ଥାପନ କରିବାକୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଆସନ୍ତା ୮ ତାରିଖରେ ବରୁଣେଇ ପାଦଦେଶକୁ ଆସୁଛନ୍ତି। ମଝିରେ କେବଳ ଗୋଟିଏ ଦିନର ବ୍ୟବଧାନ ରହିଲା। ସୁରକ୍ଷା ବ୍ୟବସ୍ଥା ତନ୍ନତନ୍ନ କରି ଯାଞ୍ଚ କରାଯାଉଛି। ପୁଣି ସୁରକ୍ଷା ଓ ଆଇନଶୃଙ୍ଖଳା ପାଇଁ ଏସ୍‌ପି ର୍‍ୟାଙ୍କର ୮ ଜଣ କମାଣ୍ଡାଣ୍ଟ ସିନିୟର ଅଫିସରଙ୍କ ସମେତ ୩୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ହେଲିପ୍ୟାଡର ସ୍ଥିତି ପରୀକ୍ଷା କରିବା ପାଇଁ ଖୋର୍ଦ୍ଧା ଗୋଶାଳା ପଡିଆରେ ପରୀକ୍ଷାମୂଳକ ଭାବେ ଶୁକ୍ରବାର ପୂର୍ବାହ୍ନ ଓ ଅପରାହ୍ନରେ ୨ଟି ହେଲିକପ୍ଟର ଅବତରଣ କରି ଉଡାଣ କରି ଫେରି ଯାଇଛି। ଡିଜିପି ସତ୍ୟଜିତ୍ ମହାନ୍ତି ଓ ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ ସମୀକ୍ଷା କରି ଫେରି ଯାଇଛନ୍ତି। ଏ ନେଇ ଡିଜିପି ମହାନ୍ତି କୁହନ୍ତି, ବଡ କାର୍ଯ୍ୟକ୍ରମରେ ସଭାସ୍ଥଳ, ଭିଆଇପିମାନଙ୍କର ସୁରକ୍ଷା ଓ ଯାନବାହନ ଯାତାୟାତ ଆଦି ୩ଟି ମୁଖ୍ୟ ସେକ୍ଟର ଥାଏ। ଏସବୁ ଦାୟିତ୍ୱରେ ଜଣେ ଲେଖାଏ ଏସ୍‌ପି ରହିବେ। ଓଭରାଲ ଚାର୍ଜରେ ଆସିଷ୍ଟାଣ୍ଟ ଡିଜି(ଏଡିଜି) ପ୍ରିୟଦର୍ଶୀ ରହିଛନ୍ତି। କାରଗେଟ ଓ ଅନ୍ୟାନ୍ୟ ଚାର୍ଜ, ବିବିଧ ଭେନ୍ୟୁ ପାଇଁ ୮ଜଣ ଏସ୍‌ପି ର୍‍ୟାଙ୍କର କମାଣ୍ଡାଣ୍ଟ ସିନିୟର ଅଫିସର ନିୟୋଜିତ ହେବେ। ୩୦ ପ୍ଲାଟୁନ ଫୋର୍ସଙ୍କ ସହ ପାର୍କିଂ ପ୍ଲେସ କରାଯାଇଛି। ସୁରକ୍ଷା ଓ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଗୁରୁତ୍ୱ ଦିଆଯାଇ କାର୍ଯ୍ୟ ଚାଲିଛି।



ଡିଜିପି ସତ୍ୟଜିତ ମହାନ୍ତି, ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ ରାଷ୍ଟ୍ରପତିଙ୍କ ଗସ୍ତର ଅବ୍ୟବହିତ ପୂର୍ବରୁ ସଭାସ୍ଥଳ ଯାଞ୍ଚ କରୁଛନ୍ତି।



ହେଲିପ୍ୟାଡରେ ହେଲିକପ୍ଟର ଲ୍ୟାଣ୍ଡିଂ କରୁଛି ।

### ସମୀକ୍ଷା କଲେ ଡିଜିପି, ଏଡିଜି



କଳିଙ୍ଗ କନ୍ୟା ପାଇକ ଆଖଡା ଦଳକୁ ଡକାଯାଇନି ପ୍ରଦର୍ଶନ ପାଇଁ ।

### ଆଗୁଆ ସ୍ୱାଗତ ଶୋଭାଯାତ୍ରା

ପାଇକ ବିଦ୍ରୋହ ସ୍ମାରକର ଭିତ୍ତିପ୍ରସ୍ତର ସ୍ଥାପନ ପାଇଁ ରାଷ୍ଟ୍ରପତି କୋବିନ୍ଦଙ୍କ ସମେତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଆଗମନକୁ ନେଇ ସ୍ୱାଗତ ଶୋଭାଯାତ୍ରା ଶୁକ୍ରବାର ପୂର୍ବାହ୍ନରେ ଖୋର୍ଦ୍ଧା ସହର ପରିକ୍ରମା କରିଥିଲା। ଅଖିଳ ଭାରତ ସମରକଳା ମହାସଂଘ ଓ ଓଡ଼ିଶା ବୀର ମହାସଂଘ ପକ୍ଷରୁ ସାମାଜିକ, ସାଂସ୍କୃତିକ, ମହିଳା ସଙ୍ଗଠନ, ଛାତ୍ର ସଙ୍ଗଠନ, ପାଇକ ଆଖଡା ସଂଘ, ପାଇକ ଗୁରୁ, ପାଇକ ଦଳବେହେରା ଓ ଗଣସଙ୍ଗଠନର ସହଯୋଗରେ ସ୍ୱାଗତ ଶୋଭାଯାତ୍ରା ପୂର୍ବାହ୍ନରେ ସ୍ଥାନୀୟ ଗୋଡ଼ିପୋଖରୀଠାରୁ ବାହାରିଥିଲା। ସହର ପରିକ୍ରମା କରି ଖୋର୍ଦ୍ଧାରେ ପାଇକ ସ୍ମାରକୀ ପ୍ରତିଷ୍ଠା କରାଇବା, ଖୋର୍ଦ୍ଧାଗଡ଼ର ପୁନରୁଦ୍ଧାର, ସମରକଳା ଏକାଡେମୀ ପ୍ରତିଷ୍ଠା, ମ୍ୟୁଜିୟମ୍, ପାଇକ ଭବନ ଓ ବରୁଣେଇ ପାହାଡର ଚତୁଃପାର୍ଶ୍ୱରେ ଏକ ରିଙ୍ଗ ରୋଡ ପ୍ରତିଷ୍ଠା କରିବାକୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଖୋର୍ଦ୍ଧା ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଓଡ଼ିଶା ବୀର ମହାସଂଘର ସଭାପତି ପାଇକ ସର୍ଦ୍ଦାର ଡ. ପ୍ରକାଶ ଶ୍ରୀଚନ୍ଦନ, ଅଖିଳ ଭାରତ ସମରକଳା ମହାସଂଘର ସଭାପତି ଦିଲୀପ ଶ୍ରୀଚନ୍ଦନ ଓ ସାଧାରଣ ସମ୍ପାଦକ ନରେନ୍ଦ୍ର କୁମାର ପୃଷ୍ଟି, ପାଇକଗୁରୁ ଦୀନବନ୍ଧୁ ବିଶ୍ୱାଳ, ସ୍ମୃତି ସଂସଦର ସମ୍ପାଦକ ଅବନୀ ଜେନା, ଆଇନଜୀବୀ ଶିଶିର ପରିଡାଙ୍କ ସମେତ ଖୋର୍ଦ୍ଧାର ୧୦ ପାଇକ ଆଖଡ଼ା ଦଳ, ଆଇନଜୀବୀ, ବୁଦ୍ଧିଜୀବୀଙ୍କ ସମେତ ବହୁ ଲୋକ ସାମିଲ ହୋଇଥିଲେ।

### ମହିଳା ପାଇକ ଦଳ ଉପେକ୍ଷିତ

ପାଇକ ଆଖଡାର ଅନ୍ତୁଡିଶାଳ ଖୋର୍ଦ୍ଧା। ଗୌରବମୟ ସମରକଳାରେ ସିଦ୍ଧହସ୍ତ ପାଇକ ବୀରଙ୍କ ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ଟାଙ୍ଗୀ ବ୍ଲକ ରତନପୁର କଳିଙ୍ଗ କନ୍ୟା ପାଇକ ଆଖଡା ଦଳର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅପରପକ୍ଷେ ରତନପୁର କଳିଙ୍ଗ କନ୍ୟା ପାଇକ ଆଖଡା ଦଳ ରାଜ୍ୟର ପ୍ରଥମ ମହିଳା ଦଳ ରୂପେ ପରିଚିତ। ଏମାନଙ୍କର ସାମରିକ କଳା ନୈପୁଣ୍ୟତା ରାଜ୍ୟ ଓ ଦେଶରେ ଖୋର୍ଦ୍ଧା ପାଇଁ ଗୌରବ ଆଣିଛି। ଏହି ଅନୁଷ୍ଠାନ ନାରୀ ଓ ଯୁବତୀମାନଙ୍କର ଆତ୍ମ ସୁରକ୍ଷା, ଐତିହାସିକ ପୀଠର ଉନ୍ନତି ପାଇଁ ଓ ସାମାଜିକ କାର୍ଯ୍ୟକ୍ରମ ପରି କାର୍ଯ୍ୟ କରୁଛି। ଏମାନଙ୍କ ଉଦ୍ୟମରେ ଅନୁପ୍ରାଣିତ ସୋରଣ, ରତନପୁର ପରି ଖୋର୍ଦ୍ଧାରେ ପୁଣି ୪ଟି ମହିଳା ପାଇକ ସଙ୍ଗଠନ ଗଠନ ହୋଇସାରିଛି। ଏତେସବୁ ସତ୍ତ୍ୱେ ପ୍ରଶାସନ ଓ ସରକାରଙ୍କ ନଜର ଆମ ପାଇକ ଦଳ ଉପରେ ପଡୁ ନ ଥିବା କଳିଙ୍ଗ କନ୍ୟା ପାଇକ ଆଖଡା ସଙ୍ଗଠନର ପ୍ରତିଷ୍ଠାତା ସୁନିତା ବେହେରା କ୍ଷୋଭର ସହ କହିଛନ୍ତି। ପାଇକ ବିଦ୍ରୋହ ସ୍ମାରକର ଭିତ୍ତିପ୍ରସ୍ତର ସ୍ଥାପନ ରାଷ୍ଟ୍ରପତି କୋବିନ୍ଦ କରିବା ଖୋର୍ଦ୍ଧା ଜିଲା ପାଇଁ ଗର୍ବ ଓ ଗୌରବର ବିଷୟ। ତେବେ ଜିଲାର ମହିଳା ପାଇକ ଦଳକୁ ଅଣଦେଖା କରିବା ଅସନ୍ତୋଷର କାରଣ ପାଲଟିଛି ବୋଲି ସେ କହିଛନ୍ତି।

### କୁମାରବସ୍ତ କ୍ରିକେଟ୍ ଫାଇନାଲରେ ନପୁଟ୍ କ୍ରିକେଟ୍ କ୍ଲବ ଭୁବନେଶ୍ୱର

**ଖୋର୍ଦ୍ଧା ଅଫିସ,୬।୧୨**

ଖୋର୍ଦ୍ଧା ଉପକଣ୍ଠ ଟାଙ୍ଗିଆପଡା ପଞ୍ଚାୟତର କୁମାରବସ୍ତ ଖେଳପଡିଆରେ ଚାଲିଥିବା ଗଗନ କାଳିଆ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ୨ୟ ସେମିଫାଇନାଲ ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଞ୍ଚେଶ୍ୱର କ୍ଲବ ଭୁବନେଶ୍ୱରକୁ ୪ ଉଇକେଟରେ ପରାସ୍ତ କରି ନପୁଟ କ୍ରିକେଟ କ୍ଲବ ୨ୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଆସନ୍ତା ୮ ତାରିଖରେ ବ୍ଲୁ ରକଷ୍ଟାର ଯାଁଳା ସହ ନପୁଟ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଶୁକ୍ରବାରର ମ୍ୟାଚରେ ମଞ୍ଚେଶ୍ୱର ଦଳ ଟସ୍‌ରେ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୮.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୪୧ରନ କରିଥିଲା। ଦଳ ପକ୍ଷରୁ ଅଭୟ ମଲ୍ଲିକ ୩୮ଟି ବଲରୁ ୫୩ ରନ କରିଥିଲେ। ନପୁଟ ଦଳ ପକ୍ଷରୁ ଏମଡି. ଆଜାର ୪ ଓଭରରେ ୨୩ରନ ଦେଇ ୪ଟି ଉଇକେଟ ନେଇଥିଲେ। ଜବାବରେ ନପୁଟ ଦଳ ୧୯ ଓଭରରେ ୬ ଉଇକେଟ ହରାଇ ଆବଶ୍ୟକ ୧୪୨ରନ କରି ବିଜୟ ଘୋଷିତ ହୋଇଥିଲା। ଦଳ ପକ୍ଷରୁ ଆଇଏସ ଗିରି ୪୧ ବଲରେ ୫୯ରନ କରିଥିଲେ। ମଞ୍ଚେଶ୍ୱର ଦଳ ପକ୍ଷରୁ କାହ୍ନା ମହାନ୍ତି ୨ଟି ଉଇକେଟ ନେଇଥିଲେ। ନପୁଟ ଦଳର ଭଲ ଖେଳ ପ୍ରଦର୍ଶନ କରିଥିବା ଏମଡ଼ି ଆଜାରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରକାଶ ପଟ୍ଟନାୟକ ଓ ଦୁର୍ଯ୍ୟୋଧନ ପରିଡ଼ା ଖେଳ ପରିଚାଳନା କରିଥିବା ବେଳେ, ବିଶ୍ୱବିହାରୀ ସ୍ୱାଇଁ ସ୍କୋରରେ ସହାୟତା କରିଥିଲେ।

## ମିନି ଜାମ୍ବୋରି ଉଦ୍‌ଯାପିତ

# ଶାରୀରିକ ସୁସ୍ଥତା ପାଇଁ କଲେ ଯୋଗ, ପ୍ରାଣାୟାମ

**ଖୋର୍ଦ୍ଧା ଅଫିସ,୬।୧୨**

ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ପକ୍ଷରୁ ଗତ ୧ ରୁ ୬ ତାରିଖ ପର୍ଯ୍ୟନ୍ତ ଖୋର୍ଦ୍ଧାର ବରୁଣେଇ ସନ୍ନିକଟ ରାଜ୍ୟ ତାଲିମ କେନ୍ଦ୍ର ପରିସରରେ ଚାଲୁ ରହିଥିବା ଜାତୀୟସ୍ତରୀୟ ରୋଭର ରେଞ୍ଜର ମିନି ଜାମ୍ବୋରି ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ପ୍ରାତଃ କାଳରେ ରୋଭର, ରେଞ୍ଜରମାନେ ଶାରୀରିକ ସୁସ୍ଥତା ପାଇଁ ଯୋଗ, ପ୍ରାଣାୟମ, ଡ୍ରିଲ୍ ଓ ମାର୍ଚ୍ଚିଂ କରିଥିଲେ। ଶିବିରର ଦୈନିକ କାର୍ଯ୍ୟସୂଚୀ ପରେ ସେମାନେ ଦଳଗତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ଦଳରେ ବିଭକ୍ତ ହୋଇ ରୋଭରିଂ ଓ ରେଞ୍ଜରିର ବିକାଶ, ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ ମାଧ୍ୟମରେ ଯୁବପିଢ଼ିମାନଙ୍କର ପ୍ରତିଭା ବିକାଶ, ସାମାଜିକ ସମସ୍ୟା ତଥା କୁସଂସ୍କାର ବିଷୟରେ ରୋଭର ଓ ରେଞ୍ଜରମାନଙ୍କ ଦାୟିତ୍ୱ ବିଷୟରେ ଆଲୋଚନା କରି ବ୍ୟକ୍ତିଗତ ମତ ଉପସ୍ଥାପନା କରିଥିଲେ। ରାଜ୍ୟ ସଭାପତି ବିଷ୍ଣୁଚରଣ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ସମ୍ମାନିତ ଅତିଥି ଜାତୀୟ ପରିଷଦ ନିର୍ଦ୍ଦେଶକ ରାଜକୁମାର, ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡ. କାଳୀ ପ୍ରସାଦ ମିଶ୍ର, ଜାତୀୟ ପରିଷଦର ନିର୍ଦ୍ଦେଶକ ରାଜକୁମାର କୌଶିକ, ଅନ୍ତର୍ଜାତୀୟ କମିଶନର ଆମେଲା ସ୍ୱେର୍ ଯୋଗ ଦେଇଥିଲେ। ଜାତୀୟ ଉପନିର୍ଦ୍ଦେଶିକା ସୁରେଖା ଶ୍ରୀବାସ୍ତବ ଶିବିରର ବିବରଣୀ ପାଠ କରିଥିବା ବେଳେ ଉପନିର୍ଦ୍ଦେଶକ ଅମର ବି ଛେତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ। ରାଜ୍ୟ ସଙ୍ଗଠନର କର୍ମକର୍ତ୍ତାଙ୍କ ସହାୟତାରେ ରାଜ୍ୟ ଗାଇଡ୍ ସଙ୍ଗଠନ କମିଶନର ଅନାମିକା ଦାସ ଉକ୍ତ ଉତ୍ସବକୁ ପରିଚାଳନା କରିଥିଲେ। ଜାମ୍ବୋରିରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ରାଜ୍ୟ ତଥା ରୋଭର ରେଞ୍ଜରମାନଙ୍କୁ ପୁରସ୍କୃତ କରାଯିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ପିଲାମାନଙ୍କ ଦ୍ୱାରା ମଞ୍ଚରେ ନୃତ୍ୟ ପ୍ରଦର୍ଶନ।

### ଆମ୍ବେଡକରଙ୍କ ମହା ପରି ନିର୍ବାଣ ଦିବସ

**ଖୋର୍ଦ୍ଧା ଅଫିସ,୬।୧୨:** ବାବା ସାହେବ ଆମ୍ବେଡକର ଆଦର୍ଶବାଦୀ ପରିଷଦ ପକ୍ଷରୁ ବାବା ସାହେବଙ୍କର ମହାପରି ନିର୍ବାଣ ଦିବସ ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟ କାର୍ଯ୍ୟାଳୟରେ ଶୁକ୍ରବାର ପାଳିତ ହୋଇଛି। ଏଥିରେ ସାମାଜିକ କର୍ମୀ ରାମଶଙ୍କର ଅଧ୍ୟକ୍ଷତା କରି କହିଥିଲେ ବାବା ସାହେବଙ୍କ ସମସ୍ତଙ୍କ ପାଇଁ ଶିକ୍ଷା ଓ ଅସ୍ପୃଶ୍ୟତା ନିବାରଣ ପାଇଁ ପଦକ୍ଷେପ ଅନ୍ୟମାନଙ୍କ ପାଇଁ ଅନୁକରଣୀୟ। ଅନ୍ୟମାନଙ୍କ ମଧ୍ୟରେ ଏହି ଶ୍ରଦ୍ଧାଞ୍ଜଳି ସଭାରେ ନରୋତ୍ତମ ନାୟକ, ସାଗର ବେହେରା, ଆଦିତ୍ୟ ବେହେରା, ପ୍ରଭୁପାଦ ପ୍ରଧାନ, ଆଦିତ୍ୟ ବିଶ୍ୱାଳ ଓ କଲେଜ ବିଦ୍ୟାର୍ଥୀମାନେ ଯୋଗ ଦେଇଥିଲେ। ସେହିପରି ଓଡ଼ିଶା ଦଳିତ ଓ ଆଦିବାସୀ ପରିବାର ପକ୍ଷରୁ ଖୋର୍ଦ୍ଧାରେ ଅନୁରୂପ ଭାବେ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ମୋହନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଖୋର୍ଦ୍ଧା, ବେଗୁନିଆ, ଜଟଣୀ, ଟାଙ୍ଗୀ ଅଞ୍ଚଳର ଆମ୍ବେଡକରପ୍ରେମୀ ଯୋଗଦେଇଥିଲେ। କୋଷାଧ୍ୟକ୍ଷ ଦୁର୍ଯ୍ୟୋଧନ ନାୟକ ଧନ୍ୟବାଦ ଦେଇଥିଲେ।

### ଜଟଣୀ କୋର୍ଟରେ ୨ ଅଭିଯୁକ୍ତଙ୍କୁ ଦଣ୍ଡାଦେଶ

**ଜଟଣୀ, ୬।୧୨(ଡି.ଏନ.ଏ.):** ଜଟଣୀ ଜେଏମ୍‌ଏଫ୍‌ସି କୋର୍ଟରେ ଏକ ମାମଲାର ବିଚାର କରି ମାଜିଷ୍ଟ୍ରେଟ୍ ଧ୍ରୁବି ସୋଲାଙ୍କି ଶୁକ୍ରବାର ରାୟ ପ୍ରକାଶ କରି ଦୁଇଜଣ ବିଚାରାଧୀନ ଅଭିଯୁକ୍ତଙ୍କୁ ଦଣ୍ଡାଦେଶ ଶୁଣାଇଛନ୍ତି। ବିଚାର ବିଭାଗୀୟ ହାଜତରେ ଥିବା ଚନ୍ଦନ ନାୟକ ଓ ରାଜ ଦଳବେହେରାଙ୍କୁ ୧୦ମାସ ୮ ଦିନ ଜେଲ ଦଣ୍ଡାଦେଶ କରିଛନ୍ତି। ଜଟଣୀ ସୀତାରାମ ଛକରେ ଜଣେ ମହିଳାଙ୍କଠାରୁ ୨୦୧୮ ସେପ୍ଟେମ୍ବର ୧୪ ରେ ଏହି ଦୁଇଜଣ ସୁନାଚେନ୍ ଲୁଟି ନେଇ ପୋଲିସ ଦ୍ୱାରା ଗିରଫ ହୋଇଥିଲେ। ଏହି ମାମଲାକୁ ସରକାରୀ ଆଇନଜୀବୀ ଅକ୍ଷୟ କୁମାର ଦାସ ପରିଚାଳନା କରୁଥିଲେ। ଜଟଣୀରେ କୋର୍ଟ ପ୍ରତିଷ୍ଠା ପରେ ଏହା ଦ୍ୱିତୀୟ ଦଣ୍ଡାଦେଶ।

### ମହିଳାଙ୍କଠାରୁ ୧.୭ଲକ୍ଷ ଟଙ୍କା ଠକେଇ, ହତ୍ୟା ଧମକ

**ଭୁବନେଶ୍ୱର,୬।୧୨(ବ୍ୟୁରୋ):**

ଚାକିରି କରାଇଦେବା ଆଳରେ ଜଣେ ମହିଳାଙ୍କଠାରୁ ୧ ଲକ୍ଷ ୭୦ ହଜାର ଟଙ୍କା ଠକେଇ କରିବା ସହ ହତ୍ୟା ଧମକ ଦେବା ଅଭିଯୋଗରେ କ୍ୟାପିଟାଲ ଥାନା ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ କନ୍ଧମାଳ ଜିଲାର ଗଣେଶ ବେହେରା ଓ ଖୋର୍ଦ୍ଧା ଅଞ୍ଚଳର ନିତ୍ୟାନନ୍ଦ ମହାନ୍ତି। ପୋଲିସ ସୂଚନା ମୁତାବକ, ଝିଲିସୀତା ବେହେରା ନାମ୍ନୀ ଜଣେ ମହିଳାଙ୍କୁ ଚାକିରି କରାଇଦେବାକୁ କହି ନିତ୍ୟାନନ୍ଦ, ଗଣେଶ ଓ ୨ ଜଣ ସହଯୋଗୀ ଗତ ୨୨ ତାରିଖରେ ଉକ୍ତ ଟଙ୍କା ନେଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଚାକିରି ଦେଇ ନ ପାରି ସମୟ ଗଡ଼ାଇଥିଲେ। ଝିଲିସୀତା ଟଙ୍କା ଫେରସ୍ତ କରିବାକୁ କହିବାରୁ ସେମାନେ ଓଲଟା ହତ୍ୟା ଧମକ ଦେଇଥିଲେ। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରି ନିତ୍ୟାନନ୍ଦ ଓ ଗଣେଶଙ୍କୁ ଶୁକ୍ରବାର ଗିରଫ କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

**୨ ଅଭିଯୁକ୍ତ ଗିରଫ**

# ଗୃହରକ୍ଷୀ ପ୍ରତିଷ୍ଠା ଦିବସ

**ଖୋର୍ଦ୍ଧା ଅଫିସ,୬।୧୨**

ଖୋର୍ଦ୍ଧା ଜିଲା ପୋଲିସ ପ୍ରଶାସନ ପକ୍ଷରୁ ୫୭ତମ ଗୃହରକ୍ଷୀ ପ୍ରତିଷ୍ଠା ଦିବସ ରିଜର୍ଭ ପୋଲିସ ଲାଇନ୍ ତରତୁଆରେ ଶୁକ୍ରବାର ପାଳିତ ହୋଇଯାଇଛି। ଖୋର୍ଦ୍ଧା ଏସ୍‌ପି ଅଜେୟ ପ୍ରତାପ ସ୍ୱାଇଁ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୃହରକ୍ଷୀ ଦିବସରେ ଅଭିବାଦନ ଗ୍ରହଣ କରିଥିଲେ। ଏଥିରେ ଜିଲାର ୨୪୬ ଜଣ ଗୃହରକ୍ଷୀ ମିଳିତ ପରେଡରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଓଡ଼ିଶାର ରାଜ୍ୟପାଳ ଗଣେଶୀ ଲାଲ ଗୃହରକ୍ଷୀମାନଙ୍କ ଉଦ୍ଦେଶ୍ୟରେ ପଠାଇଥିବା ବାର୍ତ୍ତାକୁ ଏସ୍‌ପି ପାଠ କରିଥିଲେ। ଗୃହରକ୍ଷୀମାନେ ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱକୁ ସୁଚାରୁ ରୂପେ ତୁଲାଇ ପରିସ୍ଥିତିର ମୁକାବିଲା କରୁଛନ୍ତି। ତେବେ ଆଗାମୀଦିନରେ କର୍ତ୍ତବ୍ୟ ନିଷ୍ଠା, ସେବା ପରାୟଣତା, ଦକ୍ଷତା ପ୍ରଦର୍ଶନ କରି ଜନସାଧାରଣଙ୍କର ଆସ୍ଥାଭାଜନ ହେବାକୁ ପଡିବ ବୋଲି ଏସ୍‌ପି କହିଥିଲେ। ପରେଡକୁ କମାଣ୍ଡର ରବୀନ୍ଦ୍ର କୁମାର ବେହେରା, ସେକେଣ୍ଡ ଇନ୍ କମାଣ୍ଡ ଭାବେ ମନୋରଞ୍ଜନ ମହାନ୍ତି, କାର୍ଯ୍ୟକ୍ରମକୁ ରିଜର୍ଭ ଇନ୍ସପେକ୍ଟର (ହୋମଗାର୍ଡ) ବିବେକାନନ୍ଦ ବାଗେ ପରିଚାଳନା କରିଥିଲେ। ଡିଏସ୍‌ପି ସତୀଶ ପାଢୀ ଓ ଓମ ପ୍ରକାଶ ପାତ୍ର, ଏସ୍‌ଡିପିଓ ସୁଶୀଲ କୁମାର ମିଶ୍ର, ଆଦର୍ଶ ଥାନା, ସଦର ଥାନା ଅଧିକାରୀଙ୍କ ସମେତ ବହୁ ପଦସ୍ଥ ଏବଂ ଅବସରପ୍ରାପ୍ତ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।



ଗୃହରକ୍ଷୀ ଦିବସ ଅବସରରେ ପରେଡ କରାଯାଉଛି ।

# ନାଇଜରରେ 'ବିଟିଏନ୍‌ଟି-୨୦୧୯' ଅନ୍ତର୍ଜାତୀୟ ସମ୍ମିଳନୀ

**ଜଟଣୀ, ୬।୧୨(ଡି.ଏନ.ଏ.):**

ଜଟଣୀସ୍ଥିତ ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ (ନାଇଜର) ପରିସରରେ ଦୁଇଦିନ ଧରି ଚାଲିଥିବା ଅଷ୍ଟମ 'ବିଟିଏନ୍‌ଟି-୨୦୧୯' ଅନ୍ତର୍ଜାତୀୟ ସମ୍ମିଳନୀ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ସମ୍ମିଳନୀରେ ଦେଶ ତଥା ଦେଶ ବାହାରୁ ୨୫୦ରୁ ଊର୍ଦ୍ଧ୍ୱ ଗବେଷକ ଯୋଗ ଦେଇଥିଲେ।

ନାନୋ ୱାର୍ଲ୍ଡକୁ ଏକାଠି କରି ଏହି କ୍ଷେତ୍ରରେ କିପରି ଅଧିକ ଗବେଷଣା ହୋଇପାରିବ ତଥା ଜନସାଧାରଣ ଏଥିରୁ ଅଧିକରୁ ଅଧିକ ଲାଭ ଉଠାଇ ପାରିବେ ତାହା ଏହି ସମ୍ମିଳନୀର ମୂଳ ଲକ୍ଷ୍ୟ ରହିଥିଲା। ନାନୋ ବିଜ୍ଞାନରେ କାମ କରୁଥିବା ସମସ୍ତ ବୈଜ୍ଞାନିକମାନଙ୍କ ପାଇଁ ଏହା ଆହ୍ୱାନ। କିପରି ସାଧାରଣ ଜନତା ଏହାର ଉପକାର ପାଇପାରିବେ ଏବଂ ଭାରତ ଅନ୍ତର୍ଜାତୀୟ ସ୍ତରରେ ତା'ର ପରିଚୟ ସୃଷ୍ଟି କରିପାରିବ ସେ ନେଇ ସମ୍ମିଳନୀର ଉଦ୍‌ଘାଟନ ଓ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ନାଇଜରର ନିର୍ଦ୍ଦେଶକ ପ୍ରଫେସର ସୁଧାକର ପଣ୍ଡା ଉପସ୍ଥିତ ରହି ଏହା କହିଥିଲେ। ଏଥିରେ ସିଙ୍ଗାପୁରର ବୈଜ୍ଞାନିକ ପ୍ରଫେସର ୟାନ ରାଇଟ୍ ଯୋଗଦେଇ କହିଥିଲେ ଏହା ପଦାର୍ଥ, ରସାୟନ ଓ ଜୈବ ବିଜ୍ଞାନୀମାନଙ୍କୁ ଏକତ୍ର କରାଇ ମାନବ ସମାଜ ପାଇଁ ହିତକର ତାହା ଉଦ୍ଭାବନ କରାଇବାରେ ସହାୟକ ହେବ। ନାନୋ ସାଇନ୍ସ ଏବଂ ନାନୋ ଟେକ୍ନୋଲୋଜିର ବିଷୟକୁ ଅଧିକ ପ୍ରାଧାନ୍ୟ ଦେବା ପଛର କାରଣ ଏହାର ପ୍ରଭାବ ସମାଜ ଉପରେ ଅଧିକ ରହିଥିବା ଭାରତୀୟ ଅକ୍ସଫୋର୍ଡ ଇନ୍‌ଷ୍ଟ୍ରୁମେଣ୍ଟର ନିର୍ଦ୍ଦେଶକ ମଙ୍ଗେସ କୁଲ୍‌କର୍ଣ୍ଣି କହିଥିଲେ। ସମ୍ମିଳନୀର ଆବାହକ ପଦାର୍ଥ ବିଜ୍ଞାନୀ ଡ. ଶୁଭଙ୍କର ବେଦାନ୍ତ ସ୍ୱାଗତ ଭାଷଣ ଦେବା ସହ ସମ୍ମିଳନୀର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ। ନାଇଜରର କୁଳସଚିବ ଡ. ଅଭୟ କୁମାର ନାୟକ କହିଥିଲେ ଏହି ସମ୍ମିଳନୀ ମାଧ୍ୟମରେ ନାଇଜରର ବୈଜ୍ଞାନିକ, ଛାତ୍ରୀଛାତ୍ର, ଗବେଷକଙ୍କ ସମେତ ଓଡ଼ିଶାର ଅନ୍ୟ ସଂସ୍ଥାନର ଗବେଷକ ସାରା ପୃଥିବୀରେ ଚାଲିଥିବା ନାନୋ ଗବେଷଣା ବିଷୟରେ ଅବଗତ ହୋଇପାରିବେ। ଏଥିରେ ଭାଗ ନେଇ ରାଜ୍ୟ ତଥା ଦେଶର ଗୌରବ ବଢାଇବେ ବୋଲି ସେ କହିଥିଲେ। ଶେଷରେ ବିଜ୍ଞାନ ଅଧିକାରୀ ଡ. ସୁଦକ୍ଷିଣା ପୃଷ୍ଟି ଧନ୍ୟବାଦ ଦେଇଥିଲେ।



ନାଇଜରରେ ଅନୁଷ୍ଠିତ ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ ।

**କୋଣାର୍କରେ ଆନ୍ତର୍ଜାତିକ ସ୍ୱେଚ୍ଛାସେବୀ ଦିବସ**

**କୋଣାର୍କ,(ଡି.ଏନ୍.ଏ.):** କୋଣାର୍କ ସାମ୍ବାଦିକ ସଂଘ ଅନୁକୂଲ୍ୟରେ ପର୍ଯ୍ୟଟନ ବିଭାଗ ସହାୟତାରେ ଯାତ୍ରୀ ନିବାସ ସମ୍ମେଳନ କକ୍ଷରେ ଶୁକ୍ରବାର ଆନ୍ତର୍ଜାତିକ ସ୍ୱେଚ୍ଛାସେବୀ ଦିବସ ପାଳିତ ହୋଇଯାଇଛି। କୋଣାର୍କ ସାମ୍ବାଦିକ ସଂଘ ସଭାପତି ଜ୍ୟୋତିରାଜ ମହାନ୍ତିଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ବିଶିଷ୍ଟ ଅତିଥି ଯୋଗଦେଇଥିଲେ।

## ସଂକ୍ଷେପରେ

### କୃଷକ ମଞ୍ଚର ବିଶାଳ ଶୋଭାଯାତ୍ରା

**ପୁରୀ ଅଫିସ, ୬।୧୨:** ଅଖିଳ ଭାରତ କୃଷକ ସଂଘ ସମନ୍ୱୟ ସମିତି ନେତୃତ୍ୱରେ ଅଖିଳ ଭାରତ କୃଷକ ସଭା, ଓଡ଼ିଶା କୃଷକ ସଭା, କୃଷକ ମହାସଭା, ନଡ଼ିଆ ଚାଷୀ ସଂଘ, ଚାଷୀ ମୂଲିଆ ସଂଘ ଓ ପରିବେଶ ସୁରକ୍ଷା ସମିତିର ମିଳିତ ଆନୁକୂଲ୍ୟରେ ବିଶାଳ କୃଷକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶତାଧିକ କର୍ମୀ ପୁରୀ ରେଳ ଷ୍ଟେଶନଠାରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫଣୀ ବାତ୍ୟାରେ ଜିଲାର ଦଳିତ, ଭୂମିହୀନ ଓ ବିପିଏଲ ପରିବାର ବ୍ୟାପକ କ୍ଷତିଗ୍ରସ୍ତ ହୋଇଛନ୍ତି। ଅଧିକାଂଶ ଚାଷୀଙ୍କ ଚାଷଜମି ଓ ଫସଲ ନଷ୍ଟ ହୋଇଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ ଏକର ପିଛା ୧୦ହଜାର ଟଙ୍କା ଲେଖାଏ ଓ ମତ୍ସ୍ୟଜୀବୀମାନଙ୍କୁ ଡଙ୍ଗା ବାବଦକୁ ଏକଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ଲାଗି ଦାବି କରିଛନ୍ତି। ସିଟି ସମ୍ପାଦକ ଜଗନ୍ନାଥ ଦେଓ, ଅଶୋକ ପ୍ରଧାନ, ତପନ ଉପାଧ୍ୟାୟ, ମୋହନ ନାଇଡୁ, ଜଗନ୍ନେଶ୍ୱର ସାମନ୍ତରା, ଯୁଧିଷ୍ଠିର ମହାପାତ୍ର, ଜିତେନ୍ଦ୍ରାୟ ବେହେରା, କିଷାନ ପଟ୍ଟନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

### ଜୟୀ ରାଜଗୁରୁଙ୍କ ବଳିଦାନ ଦିବସ

**ପୁରୀ ଅଫିସ, ୬।୧୨:** ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ବୀରହରେକୃଷ୍ଣପୁର ଗୋପୀନାଥ ଦେବସ୍ଥାନ ସମିତିର ମିଳିତ ଆନୁକୂଲ୍ୟରେ ଭାରତୀୟ ମୁକ୍ତି ସଂଗ୍ରାମର ପ୍ରଥମ ଶହୀଦ ଜୟୀ ରାଜଗୁରୁଙ୍କ ୨୧୩ତମ ଶ୍ରାଦ୍ଧୋତ୍ସବ ଓ ସାଧାରଣ ସଭା ବୀରହରେକୃଷ୍ଣପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଲୋକନାଥ ମନ୍ଦିର ନିକଟସ୍ଥ ପୁଷ୍କରିଣୀରେ ତିଳତର୍ପଣ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ ଯୋଗଦେଇ ଜୟୀ ରାଜଗୁରୁଙ୍କ ଆଦର୍ଶ, ତ୍ୟାଗ ଓ ଦେଶପ୍ରେମ କୋଟି କୋଟି ଭାରତୀୟଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ଗବେଷକ ଜଟାଧାରୀ ମିଶ୍ର ଏବଂ ସମ୍ମାନିତ ଅତିଥି ଭାବେ ଚନ୍ଦ୍ରଶେଖର ମହାପାତ୍ର, ପ୍ରକାଶ ଚନ୍ଦ୍ର ରଥ, ଶିକ୍ଷାବିତ୍ କାମଦେବ ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୁରୁମିତ୍ର ସିଂ ଓ ଡିପିଆର୍‌ଓ ଜିତେନ୍ଦ୍ର ଜେନା ପ୍ରମୁଖ ସହଯୋଗ କରିଥିଲେ।

### ୫୭ ୟୁନିଟ୍ ରକ୍ତ ସଂଗ୍ରହ

**ପୁରୀ ଅଫିସ, ୬।୧୨:** ଜୟୀ ରାଜଗୁରୁ ୟୁଥ୍ କ୍ଲବ ଓ ସମର୍ପଣ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ବୀରହରେକୃଷ୍ଣପୁରସ୍ଥିତ ଗଦାଧର ପାଠାଗାର ପରିସରରେ ଶୁକ୍ରବାର ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏଥିରେ ୫୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏଡିଏମ୍ ପ୍ରଦୀପ ସାହୁ ଶିବିରକୁ ଉଦ୍‌ଘାଟନ କରିଥିଲେ। କ୍ଲବ ସଭାପତି ଶକ୍ତିପ୍ରସାଦ ମିଶ୍ର, ସମର୍ପଣ ସମ୍ପାଦିକା ଜୟନ୍ତୀ ମହାପାତ୍ର, ସାମାଜିକ କର୍ମୀ ବଦ୍ରି ମିଶ୍ର, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଏଫ୍‌ଓ ଦୁର୍ଗାମାଧବ ପାଣିଗ୍ରାହୀ, ରକ୍ତଭଣ୍ଡାର ଅଧିକାରୀ ଡା. ଦୀପକ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସତ୍ୟଜିତ୍ ତ୍ରିପାଠୀ, ଅଜୟ ପ୍ରଧାନ, ସୌମ୍ୟରଞ୍ଜନ ପାତ୍ର, ସାଗରିକା ରଥ, ରଶ୍ମିତା ସାହୁ, ଓମ୍‌ପ୍ରସାଦ ମହାନ୍ତି, ସତ୍ୟ ସାହୁ ଓ ଅନ୍ୟମାନେ ସହଯୋଗ କରିଥିଲେ। ପୁରୀ ରକ୍ତଭଣ୍ଡାର ଟିମ୍ ରକ୍ତ ସଂଗ୍ରହ କରିଥିଲା।

### ଶତାୟୁ ମହିଳାଙ୍କ ପରଲୋକ

**କଣାସ, ୬।୧୨(ସ୍ୱ.ପ୍ର.):** କଣାସ ବ୍ଲକ ଅନ୍ତର୍ଗତ ତ୍ରିଲୋଚନପୁର ଗ୍ରାମର ଶତାୟୁ ମହିଳା ହାରାମଣି ଦେବୀ(୧୦୫)ଙ୍କର ଗୁରୁବାର ନିଜ ବାସଭବନରେ ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପ୍ରାଣା ଓ ପରୋପକାରୀ ମହିଳା ଥିଲେ। ତାଙ୍କ ମରଶରୀରକୁ ଗ୍ରାମ ଶ୍ମଶାନରେ ଦାହ କରାଯାଇଥିଲା। ଏକମାତ୍ର ପୁତ୍ର ପ୍ରମୋଦ କୁମାର ମିଶ୍ର ମୁଖାଗ୍ନି ଦେଇଥିଲେ।

### ଦମ୍ପତିଙ୍କୁ ଆର୍ଥିକ ସହାୟତା ପ୍ରଦାନ

**ପୁରୀ ଅଫିସ, ୬।୧୨:** ଆନ୍ତଃ ଜାତି ବିବାହ କରିଥିବା ଦମ୍ପତିମାନଙ୍କୁ ଶୁକ୍ରବାର ଜିଲା ପ୍ରଶାସନ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ମୋଟ ୪୪ ଦମ୍ପତିଙ୍କୁ ଏହି ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

# ଜୟୀ ରାଜଗୁରୁଙ୍କୁ ଉପେକ୍ଷା କରାଯାଇଛି

**ଜୟୀ ରାଜଗୁରୁଙ୍କ ବଳିଦାନ ଦିବସ**

- ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଚେୟାର ସ୍ଥାପନ କରାଯାଉ
- ବୀରହରେକୃଷ୍ଣପୁରକୁ ଐତିହ୍ୟ ଗ୍ରାମ ମାନ୍ୟତା ଦିଆଯାଉ


କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଦ୍‌ବୋଧନ ଦେଉଛନ୍ତି।

**ପୁରୀ ଅଫିସ, ୬।୧୨**

ଇତିହାସରେ ଜୟୀ ରାଜଗୁରୁଙ୍କୁ ଉପଯୁକ୍ତ ସ୍ଥାନ ଦିଆଯାଇନାହିଁ। ପାଇକ ବିଦ୍ରୋହର ମୁଖ୍ୟ ନାୟକ ଜୟୀ ରାଜଗୁରୁଙ୍କୁ ଉପେକ୍ଷା କରାଯାଇଛି। ଜୟୀ ରାଜଗୁରୁଙ୍କ ଅପେକ୍ଷା ବକ୍ସି ଜଗବନ୍ଧୁଙ୍କୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଇତିହାସକୁ ପର୍ଯ୍ୟାଲୋଚନା କଲେ ଏହାର ସତ୍ୟାସତ୍ୟ ପଦାକୁ ଆସିବ। ତାଙ୍କ ତ୍ୟାଗ, ଆଦର୍ଶ, ଜାତୀୟତା ଓଡ଼ିଶାକୁ ଗୌରବାନ୍ୱିତ କରିଛି। ରାଜ୍ୟ ସରକାର ୧୮୧୭ଠାରୁ ଇତିହାସକୁ ଗୁରୁତ୍ୱ ଦେଇଛନ୍ତି। ୧୮୦୪ ପରଠାରୁ ୧୮୧୭ ମଧ୍ୟର ଇତିହାସକୁ ସ୍ଥାନ ଦିଆଯାଇନାହିଁ। ବହୁ ଐତିହାସିକ ତଥ୍ୟ ଆଜି ବି ସମାଜର ଦୃଷ୍ଟିଆଢୁଆଳରେ ରହିଯାଇଛି ବୋଲି ଶୁକ୍ରବାର ବୀରହରେକୃଷ୍ଣପୁର ବଜାରସ୍ଥିତ ପ୍ରତିମୂର୍ତ୍ତି ନିକଟରେ ଜୟୀ ରାଜଗୁରୁ ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ ଶହୀଦ ଜୟୀ ରାଜଗୁରୁଙ୍କ ବଳିଦାନ ଦିବସ ସମାରୋହ ଅବସରରେ ବିଶିଷ୍ଟ ଐତିହ୍ୟ ଗବେଷକ ତଥା ସାହିତ୍ୟିକ ପ୍ରଫୁଲ୍ଲ ତ୍ରିପାଠୀ ଏହା କହିଛନ୍ତି। ସ୍ମୃତି ପରିଷଦର ସମ୍ପାଦକ ଜଟାଧାରୀ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ କହିଲେ ଯେ, ମୁକ୍ତି ସଂଗ୍ରାମର ପ୍ରଥମ ଶହୀଦ ଜୟୀ ରାଜଗୁରୁଙ୍କ ବଳିଦାନ ଦେଶ ପାଇଁ ସ୍ମରଣୀୟ ହୋଇ ରହିବ। ପାଇକ ବିଦ୍ରୋହର ସ୍ମୃତିସ୍ୱରୂପ ରାଜ୍ୟ ସରକାର ପାଇକ କଲ୍‌ଚରାଲ କମ୍ପ୍ଲେକ୍ସ ଲାଗି ଯୋଜନା କରିଛନ୍ତି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି, ନିରଞ୍ଜନ ରଥ, ଉମାବଲ୍ଲଭ ରଥ, ସାମାଜିକ କର୍ମୀ ଚକ୍ରଧର ମହାପାତ୍ର, ପ୍ରତିମା ମିଶ୍ର, ପୂର୍ବତନ ପ୍ରଶାସକ ବିନୋଦ ପଣ୍ଡା, ସ୍ଥାନୀୟ ସରପଞ୍ଚ ରମାକାନ୍ତ ପଣ୍ଡା, ଗଙ୍ଗାଧର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷାବିତ୍ କୈଳାସ ଚନ୍ଦ୍ର ଚିକାୟତରାୟ ମଞ୍ଚ ପରିଚାଳନା କରିଥିବାବେଳେ ଏଡିପିଆରଓ ଜିତେନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଅବସରରେ ସ୍ମୃତି ପରିଷଦର ସମ୍ପାଦକ ମିଶ୍ର ବୀରହରେକୃଷ୍ଣପୁରକୁ ଐତିହ୍ୟ ଗ୍ରାମର ମାନ୍ୟତା, ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଜୟୀ ରାଜଗୁରୁଙ୍କ ନାମରେ ଚେୟାର ସ୍ଥାପନ, ତାଙ୍କ ନାମରେ ଏକ ମେଲ୍ ଅଥବା ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ, ମାଳତିପାଟପୁର ଷ୍ଟେଶନକୁ ଜୟୀ ରାଜଗୁରୁଙ୍କ ନାମରେ ନାମିତ କରାଯାଉ। ଇତିହାସରେ ଜୟୀ ରାଜଗୁରୁଙ୍କ ପୂର୍ଣ୍ଣାଙ୍ଗ ଘଟଣାବଳୀକୁ ସ୍ଥାନ ଦେବା ଲାଗି ମନ୍ତ୍ରୀଙ୍କ ନିକଟରେ ଦାବି କରିଥିଲେ। ମନ୍ତ୍ରୀ ଏହାର ଉତ୍ତରରେ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଚେୟାର ସ୍ଥାପନ ଲାଗି ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।


ଜେସିବି ସାହାଯ୍ୟରେ ଶ୍ରୀମନ୍ଦିର ସୁରକ୍ଷା ଜୋନରୁ ବାସଗୃହ ଉଚ୍ଛେଦ କରାଯାଉଛି।

# ଘରୋଇ ପ୍ଲଟରୁ ବାସଗୃହ ଉଚ୍ଛେଦ ଆରମ୍ଭ

**ଶ୍ରୀମନ୍ଦିର ସୁରକ୍ଷା ଜୋନ**

- ମଣିକର୍ଣ୍ଣିକାସାହି ମୌଜାରେ ଭଙ୍ଗାଗଲା ୨ ଘର
- ଘର ଖାଲି କଲେଣି ୧୦ରୁ ଉର୍ଦ୍ଧ୍ୱ ପରିବାର

**ପୁରୀ ଅଫିସ, ୬।୧୨**

ଶ୍ରୀମନ୍ଦିର ସୁରକ୍ଷା ଜୋନରେ ଜୋର ଧରିଲା ଉଚ୍ଛେଦ ଅଭିଯାନ। ପ୍ରଥମ କରି ଘରୋଇ ପ୍ଲଟରୁ ବାସଗୃହ ଉଚ୍ଛେଦ କରାଯାଇଛି। ସୁରକ୍ଷା ଜୋନରୁ ଯଦିଓ ଗତ ବୁଧବାର ବିଧିବଦ୍ଧ ଭାବେ ଉଚ୍ଛେଦ ଆରମ୍ଭ ହୋଇଥିଲା କିନ୍ତୁ ତାହା ଥିଲା ସରକରୀ ପ୍ଲଟ। ହେଲେ ଶୁକ୍ରବାର ମଣିକର୍ଣ୍ଣିକାସାହି ମୌଜାର ୨ଟି ଘର ଭଙ୍ଗାଯାଇଛି। ଅନ୍ୟପକ୍ଷରେ ସରକାରଙ୍କୁ ଜମି ବିକ୍ରି କରିସାରିଥିବା ପରିବାର ମଧ୍ୟରୁ ପ୍ରାୟ ୧୦ଟି ପରିବାର ଘର ଖାଲି କରିସାରିଛନ୍ତି। ପର୍ଯ୍ୟାୟକ୍ରମେ ଶ୍ରୀମନ୍ଦିର ମେଘନାଦ ପାଚେରୀଠାରୁ ୭୫ ମିଟର ପରିଧି ମଧ୍ୟରେ ଉଚ୍ଛେଦ ଜାରି ରହିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ଦୋଳବେଦି କୋଣସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ପୂର୍ଣ୍ଣ ଭାବେ ଭଙ୍ଗାଯିବା ପରେ ଉଚ୍ଛେଦକାରୀ ଟିମ୍ ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ବରାହୀ ଲେନ୍‌କୁ ଯାଇଥିଲେ। ପୂର୍ବରୁ ଏହି ଲେନ୍‌ର ୪ଟି ପରିବାର ସେମାନଙ୍କ ଘରର ଆସବାବପତ୍ର ଖାଲି କରୁଥିଲେ। ଅପରାହ୍ନ ପ୍ରାୟ ସାଢେ ୧ଟା ସୁଦ୍ଧା ଘରଗୁଡ଼ିକ ଖାଲି ହେବା ପରେ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ଗୋଟିଏ ପ୍ଲାଟୁନ ଫୋର୍ସ, ୨ଜଣ ମାଜିଷ୍ଟ୍ରେଟଙ୍କ ସହ ଉପଜିଲାପାଳ ଭବତାରଣ ସାହୁ ଏବଂ ସିଟି ଡିଏସ୍‌ପି କ୍ଷୀରସାଗର ନାୟକଙ୍କ ଉପସ୍ଥିତିରେ ଘର ଭଙ୍ଗାଯାଇଥିଲା। ଅଣଓସାରିଆ ରାସ୍ତା ଏବଂ ଅନ୍ୟ ତିନିପାର୍ଶ୍ୱରେ ଘର ଥିବାରୁ ଭଙ୍ଗା କାର୍ଯ୍ୟରେ ନିୟୋଜିତ ଜେସିବି ଚାଳକଙ୍କୁ ବେଶ୍ ନାକେଦମ୍ ହେବାକୁ ପଡିଥିଲା। ଭଙ୍ଗାଯାଇଥିବା ଘର ଦ୍ୱୟର ସମ୍ମୁଖ ଭାଗ ବି କମ୍ ଓସାର ଥିଲା। ତେବେ ସନ୍ଧ୍ୟା ପୂର୍ବରୁ ଗୋଟିଏ ୨ ମହଲା ବିଶିଷ୍ଟ ଏବଂ ଅନ୍ୟଟି ଏକ ମହଲା ବିଶିଷ୍ଟ ଘର ଭଙ୍ଗାଯାଇ ଉଚ୍ଛେଦ କାର୍ଯ୍ୟକୁ ସ୍ଥଗିତ ରଖାଯାଇଛି। ଶନିବାର ପୁନଶ୍ଚ ଖାଲି ହୋଇଥିବା ବାସଗୃହ ଭଙ୍ଗାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ପ୍ରତ୍ୟେକ୍ଷ ଜମିକିଣା ସମୟ ଅବଧି ଆଉ ମାତ୍ର ୩ ଦିନ ରହିଲା। ବର୍ତ୍ତମାନ ସୁଦ୍ଧା ପାଖାପାଖି ୮୫ ପ୍ରତିଶତ ଘରୋଇ ଜମିର ବିକ୍ରି କବଲା ସରିଛି। ତେବେ ୯ ତାରିଖ ମଧ୍ୟରେ ସବୁ ଘରୋଇ ଜମିର କବଲା ଶେଷ କରିବାକୁ ପ୍ରଶାସନ ଲକ୍ଷ୍ୟ ରଖିଛି।

# ସମାଜର ହିତ ପାଇଁ ସାହିତ୍ୟର ସୃଷ୍ଟି

## ବିଶ୍ୱନୟନ ପତ୍ରିକା ଲୋକାର୍ପଣ, ରାଜ୍ୟସ୍ତରୀୟ କବି ଲେଖକ ସମାବେଶ



ମଞ୍ଚାସୀନ ଅତିଥିମାନେ ବିଶ୍ୱନୟନ ପତ୍ରିକାର ପ୍ରଥମ ସଂଖ୍ୟାକୁ ଉନ୍ମୋଚନ କରୁଛନ୍ତି।

**ପୁରୀ ଅଫିସ, ୬।୧୨**

ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଶୁକ୍ରବାର ଐଶ୍ୱରୀୟ ପତ୍ରିକା ବିଶ୍ୱନୟନର ପ୍ରଥମ ଶୁଭ ଲୋକାର୍ପଣ ଉତ୍ସବ ଏବଂ ରାଜ୍ୟସ୍ତରୀୟ କବି ଲେଖକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱନୟନ ଐଶ୍ୱରୀୟ ଟ୍ରଷ୍ଟର ଅଧ୍ୟକ୍ଷ ଡ. ସ୍ୱପ୍ନେଶ୍ୱର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଉଦ୍‌ଘାଟକ ଭାବେ ଓଡ଼ିଆ ସାହିତ୍ୟ ଏକାଡେମୀ ସଭାପତି ହରିହର ମିଶ୍ର ଯୋଗଦେଇଥିଲେ। ସମାଜର ହିତ ପାଇଁ ସାହିତ୍ୟର ସୃଷ୍ଟି। ସାହିତ୍ୟ ଋଦ୍ଧିମନ୍ତ ହେଲେ ସମାଜରେ ବୈପ୍ଳବିକ ପରିବର୍ତ୍ତନ ଆସିବ ବୋଲି ସେ କହିଥିଲେ। ମୁଖ୍ୟଅତିଥି ଭାବେ ସ୍ୱାମୀ ସଚ୍ଚିଦାନନ୍ଦ ଦାସ ମହାରାଜ ଯୋଗଦେଇ କହିଥିଲେ ଆଧ୍ୟାତ୍ମିକତା ହିଁ ଶ୍ରେଷ୍ଠ ସାହିତ୍ୟ। ମୁଖ୍ୟବକ୍ତା କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଲେଖିକା ଶକୁନ୍ତଳା ବଳିୟାରସିଂ ସାହିତ୍ୟରେ ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅନ୍ତର୍ଜାତୀୟ ମାନବ ଅଧିକାର ପରିଷଦର ରାଜ୍ୟ ସଭାପତି ସସ୍ମିତା ଦାସ, ସାମାଜିକ କର୍ମୀ ତନୁଜା ରଥ, ଅଧ୍ୟାପକ ଡ. ବଳରାମ ଦାଶ, ଗୀତିକବି ବିପିନ ମହାନ୍ତି ପ୍ରମୁଖ ଯୋଗଦେଇ ସାହିତ୍ୟରେ ଆଧ୍ୟାତ୍ମିକତାର ଆବଶ୍ୟକତା ରହିଛି ବୋଲି ବର୍ଣ୍ଣନା କରିଥିଲେ। ଏହି ଅବସରରେ ବିଶ୍ୱନୟନ ପତ୍ରିକାର ପ୍ରଥମ ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପ୍ରାରମ୍ଭରେ ବିଶ୍ୱନୟନର ସମ୍ପାଦିକା ତୃପ୍ତି ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଏଥିସହ ପଣ୍ଡାଙ୍କର ଅଲକ୍ଷୀ ପ୍ରୀତି ପଦ୍ମା ମଧ୍ୟ ଲୋକାର୍ପିତା ହୋଇଥିଲା। ଓଡ଼ିଶାର ୧୫ ଜଣ ଲେଖକ କବିଙ୍କୁ ଏଥିରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ୟାମପ୍ରକାଶ ସେନାପତି ଓ ସର୍ବାଣୀ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଧନ୍ୟବାଦ ଦେଇଥିଲେ ଡ. ସୌମ୍ୟକାନ୍ତ ପଣ୍ଡା।

# ପାଠ ନ ପଢ଼ାଇ ଭୋଜିରେ ମାତିଲେ ଶିକ୍ଷୟିତ୍ରୀ ଶିକ୍ଷକ

**ଗୋପ,୬।୧୨(ଡି.ଏନ୍.ଏ.)**

ସ୍କୁଲରେ ପାଠପଢ଼ା ଛାଡ଼ି ୬୦ରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ, ସିଆର୍‌ସିଙ୍କ ସମେତ ବ୍ଲକ ଶିକ୍ଷାଧିକାରୀମାନେ ଭୋଜିଭାତରେ ବ୍ୟସ୍ତ ଥିବାରୁ ଶୁକ୍ରବାର ବିଭିନ୍ନ ସ୍କୁଲରେ ଶିକ୍ଷାଦାନ ବ୍ୟାହତ ହୋଇଥିବା ଅଭିଯୋଗ ହୋଇଛି। କେତେଜଣ ଅଭିଭାବକ ଏଭଳି ଅଭିଯୋଗ ଆଣିବା ପରେ କୋଣାର୍କ ନିକଟ ମା' ଭଗବତୀ ପୀଠରେ ଚାଲିଥିବା ଭୋଜିରେ ଗଣମାଧ୍ୟମ ପ୍ରତିନିଧି ପହଞ୍ଚିବା ପରେ ଏହା ଏକ ସରକାରୀ ବୈଠକ ହେଉଥିବା କହିଥିଲେ ବ୍ଲକ୍ ଶିକ୍ଷାଧିକାରୀ। ଏହି ଭୋଜି ସମ୍ପର୍କରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ପଚାରିବାରେ, ଏହା ଯଦି ସତ୍ୟ ହୋଇଥାଏ ତଦନ୍ତ ପରେ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ସୂଚନାଥାଉ କି, ଗୋପ ବ୍ଲକର ମା' ଭଗବତୀ ପୀଠରେ ଶୁକ୍ରବାର ଏକ ଭୋଜି ଶିକ୍ଷକମାନଙ୍କ ମଧ୍ୟରେ ହେଉଥିବାବେଳେ ଏଥିରେ ବ୍ଲକ ଶିକ୍ଷାଧିକାରୀ, ଦୁଇଜଣ ଅତିରିକ୍ତ ଶିକ୍ଷାଧିକାରୀଙ୍କ ସମେତ ସିଆର୍‌ସିସି (ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ) ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ଅଭିଯୋଗ ପାଇ କେତେଜଣ ଗଣମାଧ୍ୟମ ପ୍ରତିନିଧି ପହଞ୍ଚି ସ୍କୁଲ ସମୟରେ ଏଭଳି ଭୋଜି କାହିଁକି କରାଯାଉଛି ବୋଲି ପ୍ରଶ୍ନ କରିଥିଲେ। ସେଠାରେ ଏକ ସରକାରୀ ବୈଠକ କରାଯାଉଥିବା ବ୍ଲକ ଶିକ୍ଷାଧିକାରୀ ବସନ୍ତ କୁମାର ମିଶ୍ର ସଫେଇ ଦେଇଥିଲେ। ଗଣଶିକ୍ଷା ମନ୍ତ୍ରୀଙ୍କ ଅଞ୍ଚଳର ଶିକ୍ଷା ଅଧିକାରୀମାନଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ନାପସନ୍ଦ କରାଯାଇଛି। ବ୍ଲକ ଶିକ୍ଷାଧିକାରୀ ମିଶ୍ର କୁହନ୍ତି, ହୋଇଥିବା ବିଜ୍ଞାନମେଳା ସମ୍ପର୍କରେ ସମୀକ୍ଷା କରାଯାଉଛି। ଶିକ୍ଷାଦାନରେ ବାଧାପ୍ରାପ୍ତ ହେବା କଥାକୁ ସେ ଅସ୍ୱୀକାର କରିଥିଲେ।

# ଜଳସମ୍ପଦ ବିଭାଗର ସ୍ୱତନ୍ତ୍ର ଶାସନ ସଚିବଙ୍କ ଡେଲାଙ୍ଗ ଗସ୍ତ

**ଡେଲାଙ୍ଗ,୬।୧୨(ଡି.ଏନ୍.ଏ.)**

ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଅର୍ଚ୍ଚନା ପଟ୍ଟନାୟକ ଶୁକ୍ରବାର ଡେଲାଙ୍ଗ ବ୍ଲକର ବିଭିନ୍ନ ସ୍ଥାନ ପରିଦର୍ଶନ କରି ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ହରିରାଜପୁର ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନୱାଡିରେ ପହଞ୍ଚି ଶିକ୍ଷାଦାନ, ଛାତ୍ରଛାତ୍ରୀ ସଂଖ୍ୟା, ମଧ୍ୟାହ୍ନ ଭୋଜନ, ଖାଦ୍ୟର ମାନ ସମ୍ପର୍କରେ ପଚାରି ବୁଝିଥିଲେ। ହରିରାଜପୁର ମେଳଣ ପଡ଼ିଆରେ ଷ୍ଟ୍ରିଟ୍ ଲାଇଟ୍‌ର ବ୍ୟବସ୍ଥା, ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସେବାରେ ସମସ୍ୟା ସମ୍ପର୍କରେ ପୂର୍ବତନ ସରପଞ୍ଚ ପ୍ରସନ୍ନ ମହାରଥୀ ସ୍ୱତନ୍ତ୍ର ଶାସନ ସଚିବଙ୍କୁ ଅବଗତ କରାଇଥିଲେ। ମିଶନ ଶକ୍ତି ମହିଳା ମହାସଂଘର ଛତୁଆ ଉତ୍ପାଦନ କେନ୍ଦ୍ର ପରିଦର୍ଶନ କରି ଛତୁଆ, ପ୍ରସ୍ତୁତି ଗୃହ ଓ କଞ୍ଚା ମାଲ ବୁଲି ଦେଖିଥିଲେ। ମହାସଂଘ ସମ୍ପାଦିକା ବାସନ୍ତୀ ସାହୁଙ୍କ ସହିତ ମହିଳାସଭ୍ୟା ଶାସନ ସଚିବଙ୍କୁ ସ୍ୱାଗତ କରିଥିଲେ। ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଚିବ ପରିଦର୍ଶନ କରିବା ବେଳେ ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସାହୁ ଓ ସମିତି ସଭ୍ୟ ତଥା ପୂର୍ବତନ ସରପଞ୍ଚ ଦୁର୍ଗାଚରଣ ରାଉତରାୟ ଶାସନ ସଚିବଙ୍କୁ ଡାକ୍ତରଙ୍କ ଅଭାବ ଯୋଗୁ ରୋଗୀ ସେବା ବ୍ୟାହାତ ହେଉଥିବା କହିଥିଲେ। ବିଡିଓ କ୍ଷୀରୋଦ୍ର ପ୍ରଧାନ,ସହକାରୀ ଯନ୍ତ୍ରୀ ମକର ବେହେରା, ଜଳସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଭୂଜଳ ପରିଚାଳନା ସମ୍ବନ୍ଧୀୟ ଜନ ବାର୍ତ୍ତାଳାପ କାର୍ଯ୍ୟକ୍ରମ

**ନିମାପଡ଼ା,୬।୧୨(ଡି.ଏନ୍.ଏ.)**

ଭାରତ ସରକାରଙ୍କ କେନ୍ଦ୍ରୀୟ ଭୂଜଳ ପରିଷଦ, ଦକ୍ଷିଣ ପୂର୍ବ କ୍ଷେତ୍ର, ଭୁବନେଶ୍ୱର ପକ୍ଷରୁ ଭୂଜଳ ପରିଚାଳନା ସମ୍ବନ୍ଧୀୟ ଜନ ବାର୍ତ୍ତାଳାପ କାର୍ଯ୍ୟକ୍ରମ ଶୁକ୍ରବାର ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ କଲେଜ ଅଧ୍ୟକ୍ଷ ରାଜକିଶୋର ରଥ, ଅଧ୍ୟାପିକା ଦିପ୍ତୀମୟୀ ନନ୍ଦ, କେନ୍ଦ୍ରୀୟ ଭୂଜଳ ପରିଷଦ ଭୁବନେଶ୍ୱରର କ୍ଷେତ୍ରୀୟ ନିର୍ଦ୍ଦେଶକ ପ୍ରଦ୍ୟୁମ୍ନ ମହାପାତ୍ର, ବୈଜ୍ଞାନିକ ଦ୍ୟୁତୋତି ନନ୍ଦନ ମଣ୍ଡଳ, ସନ୍ଧ୍ୟା ମହାପାତ୍ର, ଚିରଶ୍ରୀ ମହାନ୍ତି, ମୌସୁମୀ ସାହୁ, ସୁଦର୍ଶନ ସାହୁ ପ୍ରମୁଖ ଯୋଗଦେଇ ଜଳ ସଂରକ୍ଷଣ, ଜଳ ପରିଚାଳନା, ଜଳ ବିଶୋଧନ, ଭୂଜଳ ସମସ୍ୟା, ନଦୀ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହା ସହ ଜଳ ସଂରକ୍ଷଣ ଆମର ମୂଳମନ୍ତ୍ର ବୋଲି କହିଥିଲେ। ଏହି ଅବସରରେ ପାୱାର ପଏଣ୍ଟ ପ୍ରେଜେଣ୍ଟେଶନ ମାଧ୍ୟମରେ ଭୂଜଳ ସମ୍ପର୍କରେ ଛାତ୍ରୀଛାତ୍ର, ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। କଲେଜ ଅଧ୍ୟକ୍ଷ ରଥ, ଅଧ୍ୟାପିକା ନନ୍ଦ ଓ କ୍ଷେତ୍ରୀୟ ନିର୍ଦ୍ଦେଶକ ମହାପାତ୍ରଙ୍କୁ ଭୂଜଳ ପରିଷଦ ଦକ୍ଷିଣ ପୂର୍ବକ୍ଷେତ୍ର ଭୁବନେଶ୍ୱର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର, ସ୍ଥାନୀୟ ଜନସାଧାରଣ ଯୋଗଦେଇଥିଲେ।

# ୬୬୦ ହିତାଧିକାରୀଙ୍କୁ ରାସନ କାର୍ଡ ବଣ୍ଟନ

**ସାକ୍ଷୀଗୋପାଳ,୬।୧୨(ଡି.ଏନ୍.ଏ.)**

ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ ପଡିଥିବା ସତ୍ୟବାଦୀ ବ୍ଲକର ୬୬୦ ପରିବାରକୁ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ସେବାରେ ସାମିଲ କରାଯାଇଛି। ଏହି ପରିବାରଗୁଡିକ ୧ଟଙ୍କାରେ ଚାଉଳ ପାଇବା ପାଇଁ ସେମାନଙ୍କୁ ରାଶନ କାର୍ଡ ଯୋଗାଇ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସମାନ୍ତରାୟ ଯୋଗଦେଇ ରାଶନ କାର୍ଡ ପ୍ରଦାନ କରିଥିଲେ। ସତ୍ୟବାଦୀ ବ୍ଲକର ଅବଶିଷ୍ଟ ହିତାଧିକରୀଙ୍କୁ ଆଗାମୀ ଏକ ମାସ ମଧ୍ୟରେ ଏହି ଯୋଜନାରେ ସୁବିଧା ଯୋଗାଇ ଦିଆଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ସସ୍ମିତା ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଡିଓ ସରୋଜ କୁମାର ଦତ୍ତ, ବ୍ଲକ ଉପାଧ୍ୟକ୍ଷ ବିକ୍ରମ ଜେନା, ଜିଲା ପରିଷଦ ସଭ୍ୟାସଭ୍ୟ ପ୍ରମୁଖ ଉପସ୍ଥିତଥିଲେ।


କାର୍ଯ୍ୟକ୍ରମରେ ହୋମ୍‌ଗାର୍ଡମାନେ ପରେଡ୍ କରୁଛନ୍ତି ଏବଂ ଏସ୍‌ପି ହୋମ୍‌ଗାର୍ଡଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ଉତ୍ତମ ବ୍ୟବହାର, ସେବା ମନୋଭାବ ରଖ

**ପୁରୀ ଅଫିସ, ୬।୧୨**

ଗୃହରକ୍ଷୀ ହେଉଛନ୍ତି ଓଡ଼ିଶା ପୋଲିସର ଅବିଚ୍ଛେଦ୍ୟ ଅଙ୍ଗ। ପୁରୀରେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ, ରଥଯାତ୍ରା ସମୟରେ ଟ୍ରାଫିକ୍ ନିୟନ୍ତ୍ରଣ ଆଦି ବିଭିନ୍ନ କାର୍ଯ୍ୟକ୍ରମରେ ଗୃହରକ୍ଷୀଙ୍କ କାର୍ଯ୍ୟ ପ୍ରଶଂସନୀୟ। ଉତ୍ତମ ବ୍ୟବହାର ଏବଂ ସେବା ମନୋଭାବ ନେଇ କାର୍ଯ୍ୟକରି ଜନତାଙ୍କ ପ୍ରଶଂସାଭାଜନ ହେବା ଲାଗି ପୁରୀ ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି। ଶୁକ୍ରବାର ଜିଲା ପୋଲିସ ରିଜର୍ଭ ପଡ଼ିଆରେ ୫୭ତମ ଗୃହରକ୍ଷୀ ଦିବସ ପାଳନ ହୋଇଥିଲା। ଏହି ଅବସରରେ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିବା ସହ ସେବାକ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ଲାଗି ଗୃହରକ୍ଷୀଙ୍କୁ ଏସ୍‌ପି ସମ୍ମାନିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଏସ୍‌ପି(ହେଡ୍‌କ୍ୱାର୍ଟର୍ସ) ପି.କେ. ସ୍ୱାଇଁ, ଏଏସ୍‌ପି(ଆଇନଶୃଙ୍ଖଳା)ଅରୁଣ କୁମାର ଜେନା, ସିଟି ଡିଏସ୍‌ପି କ୍ଷୀରସାଗର ମଲ୍ଲିକ, ସଦର ଡିଏସ୍‌ପି କିଶୋର ଚନ୍ଦ୍ର ମୁଣ୍ଡ, ଡିଏସ୍‌ପି ଉମାଶଙ୍କର ମଲ୍ଲିକଙ୍କ ସମେତ ସମସ୍ତ ଥାନାର ଅଧିକାରୀ, ସେବାନିବୃତ୍ତ ସେନା ଓ ପୋଲିସ ଅଧିକାରୀ ଯୋଗଦେଇଥିଲେ।

# ଦଳୀୟ ସଙ୍ଗଠନ ସୁଦୃଢ଼ ପାଇଁ ମାନସ ମନ୍ଥନ

**ପୁରୀ ଜିଲା କଂଗ୍ରେସର ସାଙ୍ଗଠନିକ ସଭା**

- ପିଆଜ ଦର ବୃଦ୍ଧିର ତୀବ୍ର ପ୍ରତିବାଦ
- ଜିଲା ସଭାପତି ଦୌଡ଼ରେ ଏକାଧିକ ଆଶାୟୀ


ଜିଲା କଂଗ୍ରେସ ପକ୍ଷରୁ ପିଆଜ ଦର ବୃଦ୍ଧି ନେଇ ପ୍ରତିବାଦ।

**ପୁରୀ ଅଫିସ, ୬।୧୨**

ପୁରୀ ଜିଲାରେ କଂଗ୍ରେସର ସ୍ଥିତି ସବୁଠୁ ଅଧିକ ଦୟନୀୟ ରହିଛି। ଏହାକୁ ସଜାଡ଼ିବାକୁ ପଡ଼ିବ। ବ୍ୟକ୍ତିଗତ ମନୋମାଳିନ୍ୟ ନ ରଖି ପରସ୍ପରକୁ ହାତ ମିଳାଇବାକୁ ହେବ। ଦଳ ପ୍ରତି ଏପରି ଆନୁଗତ୍ୟ ରହିଲେ ଜିଲା ସଙ୍ଗଠନ ସଜାଡ଼ି ହୋଇଯିବ। କଂଗ୍ରେସ ପୁଣି ତା' ପୂର୍ବ ସ୍ଥିତିକୁ ଫେରିପାରିବ ବୋଲି ପୁରୀ ଜିଲା କଂଗ୍ରେସର ସାଙ୍ଗଠନିକ ସଭାରେ ମତପ୍ରକାଶ ପାଇଛି। ଜିଲା କଂଗ୍ରେସର ପ୍ରାକ୍ତନ ସଭାପତି ଅମିୟ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଶୁକ୍ରବାର ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ସମ୍ପାଦକ ଜି. ରୁଦ୍ର ରାଜୁ ଏବଂ ପିସିସି ପୁରୀ ଜିଲା ପର୍ଯ୍ୟବେକ୍ଷକ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଯୋଗଦେଇ ଦଳୀୟ ନେତୃବୃନ୍ଦଙ୍କ କଥା ଶୁଣିଥିଲେ। ପରେ ସେମାନେ ଦଳ କିପରି କର୍ମୀଙ୍କ ଆସ୍ଥାଭାଜନ ହୋଇପାରିବ ସେ ସମ୍ପର୍କରେ କହିଥିଲେ। ସେହିପରି କେନ୍ଦ୍ରର ଭାଜପା ସରକାର ଏବଂ ରାଜ୍ୟର ବିଜେଡି ସରକାର ଲୋକଙ୍କ ସମସ୍ୟାକୁ ଅଣଦେଖା କରୁଛନ୍ତି ବୋଲି କହିବା ସହ ଉଭୟ ସରକାରଙ୍କ ଜନବିରୋଧୀ ନୀତିର ତୀବ୍ର ସମାଲୋଚନା କରିଥିଲେ। ଦିଲ୍ଲୀରେ ହେବାକୁ ଥିବା ଭାରତ ବଞ୍ଚାଅ ରାଲିରେ ବହୁସଂଖ୍ୟାରେ ଯୋଗଦେବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗତ ସାଧାରଣ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ହୋଇଥିବା ଅରୋପ୍ରସାଦ ମିଶ୍ର, ଦିଲୀପ ନାୟକ, ଅଜିତ ମଙ୍ଗରାଜ, ବିଶ୍ୱଭୂଷଣ ଦାସ, ଉମାକାନ୍ତ ବରାଳ, ଏଆଇସିସି ସଭ୍ୟ ସୁଜିତ ମହାପାତ୍ର, ବିନାୟକ ଦାସମହାପାତ୍ର, ବୀରେନ୍ଦ୍ର ଭୂଷଣ ହୋତା, ବିଦ୍ୟୁଲତା ଆଚାର୍ଯ୍ୟ, ସରସ୍ୱତୀ ପାତ୍ର, ଧନେଶ୍ୱର ପାଢ଼ୀ, ଜ୍ଞାନ ପଟ୍ଟନାୟକ, ଜୟନାରାୟଣ ପଟ୍ଟନାୟକ, ଗୋପାଳ ଚନ୍ଦ୍ର ଖୁଣ୍ଟିଆ, ସ୍ୱାଧୀନ କୁମାର ପଣ୍ଡା, ଛବିନ୍ଦ୍ର ପଡିଆରୀ, ଆଲୋକ କୁମାର ଦାଶ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପୁରୀ ଲୋକ ସଭା ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ବିଶ୍ୱନାଥ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ନିରଞ୍ଜନ ରଥ ଧନ୍ୟବାଦ ଦେଇଥିଲେ। ତେବେ ଦଳର ଜିଲା ସଭାପତି ପଦବୀ ପାଇଁ ଏକାଧିକ ଆଶାୟୀଙ୍କ ସମର୍ଥକମାନେ ଏଆଇସିସି ସମ୍ପାଦକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ଦୌଡ଼ରେ ଅମିୟ ପଟ୍ଟନାୟକ, ଜୟନାରାୟଣ ପଟ୍ଟନାୟକ, ଅଜିତ ମଙ୍ଗରାଜ, ଦିଲୀପ ନାୟକ, ବାନାମ୍ବର ବାରିକ ଏବଂ ବିନାୟକ ଦାସମହାପାତ୍ରଙ୍କ ନାଁ ଚର୍ଚ୍ଚା ହେଉଛି। ସଭା ପରେ ଯୁବ କଂଗ୍ରେସ ପକ୍ଷରୁ ପିଆଜ ଦର ବୃଦ୍ଧିକୁ ନେଇ ତୀବ୍ର ପ୍ରତିବାଦ କରାଯାଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାର ଦର ନିୟନ୍ତ୍ରଣ ଲାଗି ପଦକ୍ଷେପ ନେଉନାହାନ୍ତି। ଉପରେ କଳି, ଭିତରେ କୋଳାକୋଳି ନୀତି ଆପଣାଇଛନ୍ତି। ଏହା ଦ୍ୱାରା ସାଧାରଣ ଜନତା ହଇରାଣ ହେଉଛନ୍ତି ବୋଲି କୁହାଯାଇଥିଲା।